# କଟକ ମହାନଗର ନିଗମ ୮ମ ସାଧାରଣ ବୈଠକ ବିବରଣୀ

**ତା. ୩୦.୧୨.୨୦୧୪ ରିଖ , ସମୟ : ପୂର୍ବାହ୍ନ - ୧୦.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୦.୧୨.୨୦୧୪ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୮ମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୪. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୫. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୬. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୭. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୮. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୯. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୦. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୧. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୨. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୩. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୪. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୫. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୬. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୭. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୮. | ଶ୍ରୀଯୁକ୍ତା ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୯. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୦. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୧. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୨. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୩. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୪. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୫. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୬. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୮. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୨୯. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୦. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୧. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୨. | ଶ୍ରୀଯୁକ୍ତା ନମିତା  ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୩. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୪. | ଶ୍ରୀଯକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୫. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୬. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୭. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୮. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୯. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୦. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୧. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୨. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୫. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୬. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୫. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୬. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | କମିଶନର |
| ୨. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୩. | ଶ୍ରୀଯୁକ୍ତ ଲଳିତ ମୋହନ ଦାସ | ନିର୍ବାହୀ ଯନ୍ତ୍ରୀ -୨ |
| ୪. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୫. | ଶ୍ରୀଯୁକ୍ତ ଲକ୍ଷ୍ମୀଧର  ନାଥ | ସେକ୍ରେଟାରୀ |
| ୬. | ଶ୍ରୀଯୁକ୍ତ ବିଜୟ କୁମାର ଦାଶ | ରିକଭରୀ ଅଫିସର |

| | | |
|---|---|---|
| ୭. | ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ | ଉପ ସଚିବ |
| ୮. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୯. | ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପଟ୍ଟନାୟକ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୦. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |

ଏହି ବୈଠକରେ ମାନ୍ୟବର ବାରବାଟୀ କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଆକୁଳାନନ୍ଦ ମନ୍ତ୍ରୀ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, ବିଧାନସଭା ସଦସ୍ୟଙ୍କ ପ୍ରତିନିଧି, ନିଗମର ସମସ୍ତ ଅଧିକାରୀ ମାନଙ୍କୁ ଆସନ୍ତା ନବବର୍ଷ ନିମନ୍ତେ ଅଭିନନ୍ଦନ ଜ୍ଞାପନ କରି ବୈଠକକୁ ସ୍ୱାଗତ କରିଥିଲେ । ଇତି ମଧ୍ୟରେ ନିଗମ ଅଧିନରେ ନୂତନ ଭାବେ ଯୋଗଦାନ କରିଥିବା ଡ଼େପୁଟି କମିଶନର ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ, ଅତିରିକ୍ତ କମିଶନର ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ ଏବଂ ମୁଖ୍ୟ ସମିକ୍ଷକ ଶ୍ରୀମତୀ ପୁଷ୍ପାରାଣୀ ଟୋପୋଙ୍କୁ ମଧ ସ୍ୱାଗତ କରିଥିଲେ । ବୈଠକରେ ସମସ୍ତ ସଦସ୍ୟ / ସଦସ୍ୟା ମାନେ ସେମାନଙ୍କର ୱାର୍ଡ଼ର ବିଭିନ୍ନ ସମସ୍ୟା ତଥା ପ୍ରସ୍ତାବ ଗୁଡ଼ିକ ଉପସ୍ଥାପନ କରିବା ନିମନ୍ତେ ମଧ ଅନୁରୋଧ କରିଥିଲେ ।

ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ:

**ଶ୍ରୀମତୀ ଗିରିବାଳା ବେହେରା , କର୍ପୋରେଟର, ୱାର୍ଡ଼ ନଂ-୦୪ :**

- ନିର୍ଦ୍ଧାରିତ ସମୟରେ ପରବର୍ତି କାଉନସିଲ ବୈଠକ ଆରମ୍ଭ କରାଯିବାକୁ ସେ ମାନ୍ୟବର ମେୟର ତଥା ସଦସ୍ୟ / ସଦସ୍ୟା ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ଚଳିତ କାଉନସିଲର ଅବଧି ମଧ୍ୟରେ ବର୍ତମାନ ସୁଦ୍ଧା କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରାଯାଇନଥିବାର ଅଭିଯୋଗ କରି, ବିଭିନ୍ନ ସମୟରେ କାଉନସିଲ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକ କାର୍ଯ୍ୟକାରୀ କରାଯାଉନଥିବାରୁ, କଟକ ସହରର ଜନସାଧାରଣ ମାନଙ୍କ ଦ୍ୱାରା ବାରମ୍ବାର ସମାଲୋଚନାର ଶିକାର ହେବାକୁ ପଡୁଥିବା ଦର୍ଶାଇଥିଲେ ।
- ସର୍ବସମ୍ମତି କ୍ରମେ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୂର୍ତିକୁ ପୁନଃ ସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ କରିଥିଲେ ।
- ନିଗମର ପ୍ରତ୍ୟେକ ଅଂଚଳରେ ମଶା ମାନଙ୍କ ଉପଦ୍ରବ୍ୟ ଯଥେଷ୍ଟ ବୃଦ୍ଧି ପାଇଥିବାରୁ, ଏହାର ପ୍ରତିକାର ନିମନ୍ତେ ଉପଯୁକ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।
- ଅଳ୍ପଦିନ ମଧ୍ୟରେ ସଂଗ୍ରହଣ କରାଯାଇଥିବା ଟିଫା ମେସିନ ଗୁଡ଼ିକ ବିଭିନ୍ନ ୱାର୍ଡ଼ ମାନଙ୍କରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉପାରୁନଥିବାର ଅଭିଯୋଗ କରିବା ସଙ୍ଗେ ସଙ୍ଗେ, ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରଦାନ କରାଯାଉଥିବା ତେଲ ର ଅପବ୍ୟୟ ହେଉଥିବାର ସୂଚନା ଦେଇଥିଲେ ।
- ଜନସାଧାରଣ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଅଗ୍ରାଧିକାର ପ୍ରଦାନ କରାଯିବାକୁ ସେ ମଧ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ନିଗମ ଅଂଚଳରେ ରହିଥିବା ସମସ୍ତ ଶୁଲଭ ଶୌଚାଳୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବା ନିମନ୍ତେ ବହୁ ପୂର୍ବରୁ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇନଥିବାରୁ, ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଶୌଚାଳୟ ଗୁଡ଼ିକର ସମସ୍ୟା ବୃଦ୍ଧି ପାଉଥିବା ସେ ମଧ ପ୍ରକାଶ କରିଥିଲେ ।
- ଦୀର୍ଘବର୍ଷ ଧରି ବକେୟା ରହିଥିବା ହୋଡ଼ିଙ୍ଗ ଲାଇସେନ୍ସ ଫିର ଆଦାୟ ନିମନ୍ତେ ବଳିଷ୍ଠ ପଦକ୍ଷେପ ସହ ନିଛିଷ୍ଟ ହୋଡ଼ିଙ୍ଗ କମ୍ପାନି ମାନଙ୍କୁ ଅନୁକମ୍ପା ପଦର୍ଶନ ନକରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।
- ପ୍ରତ୍ୟେକ ଦିନ ବିଭିନ୍ନ ସମ୍ବାଦପତ୍ର ମାଧମରେ ନିଗମକୁ ସମାଲୋଚନା କରାଯାଇ, ସଫାଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ନିମନ୍ତେ ବାରମ୍ବାର ସମ୍ବାଦ ପରିବେଷଣ କରାଯାଉଥିବା ଦୃଷ୍ଟିରୁ, ଏ ଦିଗରେ ସମୟୋଚିତ ପଦକ୍ଷେପ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ସଫାଇ ଓ ପରିମଳ ବ୍ୟବସ୍ଥା ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ବରାଦ କରାଯାଉଥିଲେ ମଧ, ଏହାର ସଠିକ୍ ବିନିଯୋଗ କରାଯାଇ ବିଭିନ୍ନ ସ୍ତରରେ ଅର୍ଥ ହରିଲୁଟ ହେଉଥିବାର ଅଭିଯୋଗ ମଧ କରିଥିଲେ ।

❖ ସଫାଇ ତଥା ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ନିୟୋଜିତ ସଂସ୍ଥାଙ୍କ ଦ୍ୱାରା ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ଗାଡ଼ି ନିୟୋଜନ ତଥା ଚୁକ୍ତିନାମା ଅନୁଯାୟୀ ମେସିନ ମାଧମରେ ସଫାଇ କାର୍ଯ୍ୟ କରାଯାଉନଥିବାର ଅଭିଯୋଗ କରିଥିଲେ ।

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ପାର୍କ ଏବଂ ଶ୍ମସାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ତଥା ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ସହ ନଳକୂପ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳର କେତେକ ପ୍ରମୁଖ ଶ୍ମସାନ ଗୁଡ଼ିକରେ କର୍ମଚାରୀ ନିୟୋଜନ କରାଯାଇ ସେମାନଙ୍କ ମାଧମରେ Registration ର ବ୍ୟବସ୍ଥା କରାଯିବାକୁ ବହୁପୂର୍ବରୁ ନିଷ୍ପତି ଗ୍ରହଣ କରାଯାଇଥିବାରୁ, ଯଥାଶିଘ୍ର ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଟାଉନହଲର ପୁର୍ନନିର୍ମାଣ କାର୍ଯ୍ୟ ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରତିଶୃତି ପ୍ରଦାନ କରାଯାଇଥିଲେ ମଧ, ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାର ଅଭିଯୋଗ ମଧ କରିଥିଲେ ।

❖ ନିଗମର ବିଭିନ୍ନ ଅଂଚଳରେ ପ୍ରସ୍ତାବିତ ରାତ୍ରୀ ଆଶ୍ରୟସ୍ଥଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯାଇ, ଏ ଗୁଡ଼ିକ କାର୍ଯ୍ୟକ୍ଷମ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ସେହିପରି ନିକଟରେ ଉଦ୍‌ଘାଟିତ ରାତ୍ରୀ ଆଶ୍ରୟସ୍ଥଳ ଗୁଡ଼ିକ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ସେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ନିଗମ ଅଂଚଳରେ ବିଜ୍ଞାପନ ପଦର୍ଶନ ନିମନ୍ତେ ନିର୍ଦ୍ଦିଷ୍ଟ ଏକ ଏଜେନ୍ସିଙ୍କୁ ଅନୁକମ୍ପା ପଦର୍ଶନ କରାଯାଉଥିବା ଅଭିଯୋଗକୁ ଖଣ୍ଡନ କରି, କମିଶନର ସ୍ପଷ୍ଟିକରଣ ପ୍ରଦାନ କରି କହିଥିଲେ ପୂର୍ବ କାଉନସିଲର ଅନୁମୋଦନ କ୍ରମେ ଟେଣ୍ଡର ମାଧମରେ ୨୦୧୧ ମସିହାରେ ବିଜ୍ଞାପନ ପଦର୍ଶନ ନିମନ୍ତେ କରାଯାଇଥିବା ଚୁକ୍ତିନାମାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୧୨ ମସିହାରେ ରଦ୍ଦ କରିଥିବାରୁ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମରେ ଆଦାୟ କରାଯାଉଥିବା ହାରରେ, ପ୍ରତ୍ୟେକ ସଂସ୍ଥା ମାନଙ୍କ ଠାରୁ ହୋଡ଼ିଙ୍ଗ ଲାଇସେନ୍ସ ଫି ଆଦାୟ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଥିଲେ ।

## ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :

❖ ହୋଡ଼ିଙ୍ଗ ପଦର୍ଶନ ନିମନ୍ତେ ପୂର୍ବରୁ ଟେଣ୍ଡର ମାଧମରେ ସ୍ଥିର କରାଯାଇଥିବା ହାରରେ ଲାଇସେନ୍ସ ଫି ଆଦାୟ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁପାଳନ ନିମନ୍ତେ ଗ୍ରହଣ କରାଯାଇଥିବା କାର୍ଯ୍ୟପନ୍ଥା ସମ୍ପର୍କରେ ସେ ସ୍ପଷ୍ଟିକରଣ ପ୍ରଦାନ କରିଥିଲେ । ବିଭିନ୍ନ ଏଜେନ୍ସି ମାନଙ୍କର ହୋଡ଼ିଙ୍ଗ ଲାଇସେନ୍ସ ଫି ଦେୟ ବାବଦରେ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ହାରରେ ପ୍ରାୟ ୫ କୋଟି ୧୭ ଲକ୍ଷ ଟଙ୍କାର ଡ଼ିମାଣ୍ଡ ନୋଟିସ ପ୍ରଦାନ କରାଯାଇଥିବା ସେ ମଧ ପ୍ରକାଶ କରିଥିଲେ ।

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମ ଅଂଚଳରେ ହୋଡ଼ିଙ୍ଗ ପଦର୍ଶନ ନିମନ୍ତେ ସମସ୍ତ ବିଜ୍ଞାପନ ସଂସ୍ଥା ମାନଙ୍କର ପଞ୍ଜିକରଣ କରାଯିବାକୁ ସ୍ଥିର କରାଯାଇଥିବା ଦୃଷ୍ଟିରୁ, ଯେଉଁ ବିଜ୍ଞାପନ ସଂସ୍ଥାମାନେ ସେମାନଙ୍କର ପୂର୍ବ ବକେୟା ଦେୟ ପ୍ରଦାନରେ ଖିଲାପ କରିଛନ୍ତି, ସେହି ସଂସ୍ଥା ମାନଙ୍କୁ ନିଗମ ଅଧିନରେ ପଞ୍ଜିକରଣ ନକରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସେହିପରି ନିଗମର ବିନା ଅନୁମତିରେ ବିଭିନ୍ନ ସ୍ଥାନରେ ନୂତନ ଭାବେ ଅନେକ ହୋଡ଼ିଙ୍ଗ ସ୍ଥାପନ କରାଯାଉଥିବା ଦୃଷ୍ଟିରୁ, ଯଥାଶିଘ୍ର ଉକ୍ତ ହୋଡ଼ିଙ୍ଗ ଗୁଡ଼ିକ ଚିହ୍ନଟ କରାଯାଇ, ଏ ଗୁଡ଼ିକ ଉଚ୍ଛେଦ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମର ମୁଖ୍ୟ ନିଜସ୍ୱ ଆୟର ବୃଦ୍ଧି ନିମନ୍ତେ ହୋଡ଼ିଙ୍ଗ ଲାଇସେନ୍ସ ପ୍ରଦାନ ତଥା ବକେୟା ଦେୟର ଆଦାୟ ନିମନ୍ତେ ସମସ୍ତ ଉଦ୍ୟମ ଅବ୍ୟାହତ ରହିଥିବା ପ୍ରକାଶ କରିଥିଲେ । ହୋଡ଼ିଙ୍ଗ ପଦର୍ଶନ ନିମନ୍ତେ ସମସ୍ତ ସଂସ୍ଥା ମାନଙ୍କର Data Base ପ୍ରସ୍ତୁତ କରାଯାଇ, ପ୍ରତ୍ୟେକ ହୋଡ଼ିଙ୍ଗ ନିମନ୍ତେ ସ୍ୱତନ୍ତ୍ର ଭାବେ ଏକ Code Number ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ ।

- ବିଭିନ୍ନ ବିଜ୍ଞାପନ ସଂସ୍ଥା ମାନଙ୍କ ପଞ୍ଜିକରଣ ନିମନ୍ତେ ନୋଟିସ ମାଧମରେ ଧାର୍ଯ୍ୟ କରାଯାଇଥିବା ସମୟ ଅବଧିକୁ ଅତିରିକ୍ତ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ, ସେ ମଧ ପ୍ରସ୍ତାବ ଦେଇ ପଞ୍ଜିକୃତ ସମସ୍ତ ସଂସ୍ଥା ମାନଙ୍କୁ ଟ୍ରେଡ଼ ଲାଇସେନ୍ସ ପ୍ରଦାନ କରାଯିବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ବକେୟା ଦେୟ ପ୍ରଦାନ ନିମନ୍ତେ Demand Notice ପ୍ରଦାନ କରାଯାଇଥିବା ସଂସ୍ଥା ମାନଙ୍କୁ ଅତିରିକ୍ତ ୧୫ ଦିନ ସମୟ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ ।
- ନିଗମର ଲାଇସେନ୍ସ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ବଦଳୀ କରାଯାଇ, ତାଙ୍କ ସ୍ଥାନରେ ଅଭିଜ୍ଞତା ସମ୍ପନ୍ନ ଯୋଗ୍ୟ କର୍ମଚାରୀ ମାନଙ୍କ ନିୟୋଜନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ନିଗମର ବିଭିନ୍ନ ଅଂଚଳରେ ନିଗମ ଅଧିନରେ ଥିବା ମାର୍କେଟ କମ୍ପ୍ଲେକ୍ସ ମଧରେ ରହିଥିବା ଦୋକାନ ଗୃହ ଗୁଡ଼ିକର ମାସିକ ଭଡ଼ା ପୁର୍ନ ନିର୍ଦ୍ଧାରଣ କରାଯିବା ସହ, ବକେୟା ଘରଭଡ଼ା ଆଦାୟ ସହିତ ପ୍ରତ୍ୟେକ ଆବଣ୍ଟିତ ଦୋକାନ ଗୃହ ନିମନ୍ତେ ପୁନଃ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ଏବଂ ନିର୍ଦ୍ଧିଷ୍ଟ ସମୟସୀମା ମଧରେ ଏହି ଚୁକ୍ତିନାମାର ନବୀକରଣ କରାଯିବାକୁ ମତ ଦେଇଥିଲେ ।
- ନୁଆ ବଜାର ପୋତାପୋଖରୀ ମାର୍କେଟ କମ୍ପ୍ଲେକ୍ସ ମଧରେ ରହିଥିବା ସମସ୍ତ ଦୋକାନ ଗୃହ ଗୁଡ଼ିକ ଗତ ତା ୧୬.୦୭.୨୦୦୮ ରିଖ ଠାରୁ ଆବଣ୍ଟନ କରାଯାଇ ଥିଲେ ମଧ, ଗତ ତା ୦୯.୦୫.୨୦୧୦ରିଖ ପର୍ଯ୍ୟନ୍ତ ସେଠାରେ ବୈଦ୍ୟୁତିକ ଆଲୋକ ତଥା ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇନଥିବାରୁ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁଧାନ କରାଯାଇ, ଗତ ତା ୦୮.୧୨.୨୦୧୪ରିଖ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଏହି ମାର୍କେଟ କମ୍ପ୍ଲେକ୍ସ ର ସମସ୍ତ ଦୋକାନ ଗୃହ ଗୁଡ଼ିକର ମାସିକ ଭଡ଼ାକୁ ତା ୧୬.୦୭.୨୦୦୮ରିଖ ଠାରୁ ତା ୦୯.୦୫.୨୦୧୦ ରିଖ ପର୍ଯ୍ୟନ୍ତ ୫୦ ପ୍ରତିଶତ ଛାଡ଼ କରାଯିବା ନିମନ୍ତେ କରାଯାଇଥିବା ସୁପାରିଶକୁ ଅନୁମୋଦନ କରାଯିବାକୁ ନିବେଦନ କରିଥିଲେ ।
- ନିଗମର ବିଭିନ୍ନ ଅଂଚଳରେ ପିପିପି ଢାଂଚାରେ ନିର୍ମାଣ କରାଯାଇଥିବା ବସଷ୍ଟପ ଗୁଡ଼ିକ ପୁର୍ନରୁଦ୍ଧାର କାର୍ଯ୍ୟ ତଥା ରକ୍ଷଣାବେକ୍ଷଣର ଆବଶ୍ୟକତା ପଡୁଥିବାରୁ ଯଥାଶିଘ୍ର ଆସନ୍ତା ମାସରେ ସମ୍ପୃକ୍ତ ସଂସ୍ଥା ମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ବସଷ୍ଟପ ସମ୍ମୁଖ ଭାଗରେ ସ୍ଥାପନ କରାଯାଇଥିବା କେତେକ ହୋଡ଼ିଙ୍ଗ ଗୁଡ଼ିକ ଯଥାଶିଘ୍ର ଉଠାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।
- ନିଗମର ବିଭିନ୍ନ ଅଂଚଳରେ ନୂତନ ଭାବେ ହୋଡ଼ିଙ୍ଗ ସ୍ଥାପନ ନିମନ୍ତେ ସମ୍ପୃକ୍ତ ସଂସ୍ଥା ମାନଙ୍କ ଦ୍ୱାରା ପ୍ରଥମେ ଟ୍ରାଫିକ ମ୍ୟାନେଜମେଣ୍ଟ କମିଟିର ଅନୁମତି ଅଣାଯାଇ, ପରବର୍ତି ପର୍ଯ୍ୟାୟରେ ନିଗମ ଦ୍ୱାରା ସମ୍ପୃକ୍ତ ସଂସ୍ଥା ମାନଙ୍କୁ ଅନୁମତି ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସେ ମଧ ଡ୍ରିମଟିମ ସଂସ୍ଥାଙ୍କ ଦ୍ୱାରା ହୋଡ଼ିଙ୍ଗ ପଦର୍ଶନ ନିମନ୍ତେ ସମସ୍ତ ତଥ୍ୟ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯାଇ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କୁ ଅବଗତ କରାଯିବାକୁ ପ୍ରତିଶୃତି ଦେଇଥିଲେ ।

**ଶ୍ରୀଯୁକ୍ତା ସୁପ୍ରିୟା ରାଉତ, କର୍ପୋରେଟର, ୱାର୍ଡ ନଂ-୦୫ :**

- ସମସ୍ତଙ୍କୁ ଆସନ୍ତା ନବବର୍ଷର ଶୁଭେଚ୍ଛା ଜ୍ଞାପନ କରି, ନିଗମ ଦ୍ୱାରା ୱାର୍ଡ଼ର ଅନେକ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଗୁରୁତ୍ୱ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ ।
- ୱାର୍ଡ଼ ନିମନ୍ତେ ୫ ଜଣ ଅତିରିକ୍ତ ସଫାଇ କର୍ମଚାରୀଙ୍କ ନିୟୋଜନ ସହିତ, ବର୍ତମାନ ଅନ୍ଧକାର ମଧରେ ରହିଥିବା ୱାର୍ଡ଼ର କେତେକ ସ୍ଥାନରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ ମଧ ନିବେଦନ କରିଥିଲେ ।
- ସେହିପରି ଅତିରିକ୍ତ କର୍ମଚାରୀ ମୂତୟନ କରାଯାଇ, ୱାର୍ଡ଼ର ପ୍ରତ୍ୟେକ ଅଂଚଳରେ ମଶାତେଲ ପକାଯିବାର ବ୍ୟବସ୍ଥା କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ, କର୍ପୋରେଟର, ୱାର୍ଡ ନଂ-୦୬ :**

- ୱାର୍ଡ଼ର ବିମା କଲୋନୀ ଏବଂ ଶକ୍ତି ନଗର ଅଂଚଳକୁ ନିଗମର କାର୍ଯ୍ୟ ପରିଧି ମଧରେ ସାମିଲ କରାଯାଇ, ଏହି ଅଂଚଳ ଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବସ୍ତି ଅଂଚଳରେ ବସବାସ କରୁଥିବା BPL Family ମାନଙ୍କୁ ବୈଦ୍ୟୁତିକ ଆଲୋକ ସେବା ଯୋଗାଇ ଦେବାକୁ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ବିଭିନ୍ନ ଅଂଚଳରେ ମଶା ପାର୍ଦୁଭାବର ନିୟନ୍ତ୍ରଣ ନିମନ୍ତେ ନିୟମିତ ଭାବେ ପେଟୋନାଳର ସଫାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

❖ ସତୀଚୌରା ଶ୍ମସାନ ପରିସର ମଧରେ ଏକ ନଳକୂପ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦେଇ, ଉକ୍ତ ଶ୍ମସାନ ପାର୍ଶ୍ୱରେ ରହିଥିବା PHD ପାଇପ ଲାଇନ ମାଧମରେ ଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

ନିଗମ ଅଂଚଳରେ ରହିଥିବା ବିଭିନ୍ନ ମୁଖ୍ୟ ଶ୍ମସାନ ଗୁଡ଼ିକର ଆବଶ୍ୟକୀୟ ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ଏବଂ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ ଏକ Plan of Action ପ୍ରସ୍ତୁତି ସହ, ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନର ସୂଚନା ପ୍ରଦାନ କରିଥିଲେ । ସେହିପରି ସେରେଜ ବୋର୍ଡ଼ଙ୍କ ସହ ଆଲୋଚନା କରାଯାଇ ପେଟୋନାଳର ଜଳ ନିଷ୍କାସନ ସମସ୍ୟାର ସମାଧାନ କରାଯିବାକୁ ସେ ମଧ ପ୍ରତିଶ୍ରୁତି ଦେଇଥିଲେ ।

**ସୁଶ୍ରୀ ରଞ୍ଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :**

❖ ଇତି ମଧରେ ୬ଟି କାଉନସିଲ ବୈଠକ ମାଧମରେ ଅନେକ ପ୍ରସ୍ତାବ ଦୃଢ଼ୀକରଣ କରାଯାଇଥିଲେ ମଧ, କୌଣସି ପ୍ରସ୍ତାବ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନଥିବାର ଅଭିଯୋଗ କରିଥିଲେ ।

❖ ଜାଇକା ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଜନସାଧାରଣ ମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ, ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଦାୟୀତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ମାନେ ଏ ଦିଗରେ କୌଣସି ଦୃଷ୍ଟି ଦେଉନଥିବାର ଅଭିଯୋଗ କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ କର୍ପୋରେଟର ମାନଙ୍କ ସହ ମଧ ଯୋଗସୂତ୍ର ରକ୍ଷା କରୁନଥିବାର ସୂଚନା ଦେଇଥିଲେ ।

❖ ନିଗମର ନିଜସ୍ୱ ଭୂସମ୍ପତି ତଥା Assets ଗୁଡ଼ିକ ସମ୍ପର୍କରେ କୌଣସି ସୂଚନା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ମଧ ବର୍ତମାନ ସୁଦ୍ଧା ପ୍ରଦାନ କରାଯାଇଥିବାର ଅଭିଯୋଗ କରିଥିଲେ ।

❖ ପୂର୍ବ ନିଷ୍ପତି ଅନୁଯାୟୀ ୱାର୍ଡ ମାନଙ୍କୁ ଆବଶ୍ୟକ ସଂଖକ ଡ଼ଷ୍ଟବିନ ଯଥାଶଘ୍ର ଯୋଗାଇ ଦେବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ର କୌଣସି କାର୍ଯ୍ୟ ନିମନ୍ତେ ବିଭିନ୍ନ ସମୟରେ ଅଭିଯୋଗ ଗୁଡ଼ିକ ପ୍ରାପ୍ତ ହେଉଥିଲେ ମଧ, ସେ ସମ୍ପର୍କରେ କର୍ପୋରେଟରଙ୍କୁ ଅବଗତ କରାଯାଉନଥିବାର ଅଭିଯୋଗ କରିଥିଲେ । କର୍ପୋରେଟରଙ୍କ ବିନା ପରାମର୍ଶରେ ୱାର୍ଡ଼ର ମେଟ ତଥା ସୁଇପର ମାନଙ୍କୁ ହଠାତ ବଦଳୀ କରାଯାଉଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ନିଗମର Grievance Redressal System ଅନୁଯାୟୀ ବିଭିନ୍ନ ସମୟରେ ପ୍ରାପ୍ତ ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ, ଦାୟୀତ୍ୱରେ ରହିଥିବା ଅଧିକାରୀ ମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ, ଆବଶ୍ୟକ ସ୍ଥଳେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କମିଶନର ପ୍ରକାଶ କରିଥିଲେ । କାଉନସିଲ ବୈଠକ ତଥା ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ବିଭିନ୍ନ ସମୟରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ଏକ Plan & Action ପ୍ରସ୍ତୁତ ସହ Physical & Financial Implecation ନିମନ୍ତେ Budget Provisionର ବ୍ୟବସ୍ଥା ମଧ କରାଯିବା ଉଚିତ । କିନ୍ତୁ ସ୍ଥଳ ବିଶେଷରେ କେତେକ କ୍ଷେତ୍ର ଏହାର ବ୍ୟତିକ୍ରମ ଘଟୁଥିବାରୁ, ପାରିତ ପ୍ରସ୍ତାବ ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀ ନିମନ୍ତେ କେତେକ ସମସ୍ୟା ସୃଷ୍ଟି ହେଉଥିବା କମିଶନର ପ୍ରକାଶ କରିଥିଲେ । ଏହି ସମସ୍ତ ବିଷୟକୁ ଦୃଷ୍ଟିରେ ରଖାଯାଇ, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ସହ ଆଲୋଚନା କରାଯାଇ, ଆସନ୍ତା ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଏକ Realistic Budget ପ୍ରସ୍ତୁତ କରାଯାଇ କାଉନସିଲର ଆଗାମୀ ବୈଠକରେ ଉପସ୍ଥାପନା କରାଯିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ । ନିଗମର ବିଭିନ୍ନ ସୂତ୍ରରୁ ରାଜସ୍ୱ ବୃଦ୍ଧି ନିମନ୍ତେ Performance Efficiency ବୃଦ୍ଧି କରାଯିବାର ଆବଶ୍ୟକତା ରହିଥିବା ପ୍ରକାଶ କରି, ବିଭିନ୍ନ ୱାର୍ଡ଼ ମାନଙ୍କର ଗୃହ ଟିକସ ପୁନଃ ଆକଳନ ନିମନ୍ତେ ବିଭିନ୍ନ କର୍ପୋରେଟର ମାନଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ସ୍ୱାଗତ କରିଥିଲେ ।

❖ ୱାର୍ଡ଼ ମାନଙ୍କ ନିମନ୍ତେ ଅତିରିକ୍ତ ଦୁଇଜଣ କୁଲୀ ନିୟୋଜନ ଅତିରିକ୍ତ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ଏବଂ ୱାର୍ଡ଼ ମଧରେ Fogging Operation ର ସମୟସୀମା ବୃଦ୍ଧି କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :

- ନିଗମର ବିଭିନ୍ନ ସ୍ତରର ଅଧିକାରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ତାବ ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀରେ ବହୁ ଅବହେଳା ପଦର୍ଶନ କରାଯାଉଥିବା ଦୃଷ୍ଟିକୁ ଆସୁଥିବାରୁ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ସେ ମଧ ଟିଫା ମେସିନ ଗୁଡ଼ିକ ନିମନ୍ତେ ପ୍ରଦାନ କରାଯାଉଥିବା ତେଲର ପରିମାଣ ବୃଦ୍ଧି ଏବଂ ML Oil ସଂଗ୍ରହଣ କରାଯାଇ ମଶା ବଂଶ ବୃଦ୍ଧିକୁ ନିୟନ୍ତ୍ରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସର୍ଫେସ ଡ୍ରେନ ସଫାଇ ନିମନ୍ତେ ପ୍ରତ୍ୟେକ ୱାର୍ଡ଼ ମାନଙ୍କ ଭଳି ୱାର୍ଡ଼ ନଂ-୫୬, ୫୭, ୫୮, ୫୯ ଏବଂ ଜଗତପୁର ଅଂଚଳର ୱାର୍ଡ଼ ମାନଙ୍କ ନିମନ୍ତେ ଅତିରିକ୍ତ ୫ ଜଣ ଲେଖାଏଁ କୂଲୀ ନିୟୋଜନ ସହ, ପ୍ରତ୍ୟେକ ୱାର୍ଡ଼ରେ ସେମାନଙ୍କର ନିୟୋଜନର ଅବଧିକୁ ଅତିରିକ୍ତ ଏକ ମାସ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- 4 X 24 CFL fittings ବଦଳରେ SV Light ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନଂ-୦୯ ଓ ୧୦ ନିମନ୍ତେ ସେଲଟର ଛକ ଠାରେ ଏକ ଡ୍ରେନ ନିର୍ମାଣ ନିମନ୍ତେ ମାନ୍ୟବର ଲୋକସଭା ସଦସ୍ୟ ପ୍ରସ୍ତାବ ଆଗତ କରିଥିବାରୁ ଯଥାଶିଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ DPR ପ୍ରସ୍ତୁତ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ୱାର୍ଡ଼ର ବାଉରୀସାହି ଠାରେ ଡ୍ରେନ ପ୍ରସଙ୍ଗରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଉପସ୍ଥାପନା କରାଯାଇଥିବାରୁ, ଏଥିପାଇଁ DPR ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କଟକ ସହରର ଜଣ୍ଡିସ ରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଇଥିବାରୁ, ଯଥାଶିଘ୍ର PHD କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ସହ ଏକ ଜରୁରୀ କାଳୀନ ବୈଠକ ଡ଼କାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ବହୁ ପୁରାତନ ପାଇପ ଲାଇନ ଗୁଡ଼ିକର ମରାମତି ତଥା ନୂତନ ପାଇପ ଲାଇନ ସ୍ଥାପନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ପାଇପ ଲାଇନ ମାଧ୍ୟମରେ ଜଳ ଯୋଗାଣ ନିମନ୍ତେ ଆବଶ୍ୟକୀୟ ବ୍ଲିଚିଂ ପାଉଡ଼ର ଦ୍ୱାରା ବିଶୋଧନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ନଗରାଂଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତ୍ୱରାନ୍ୱିତ ନିମନ୍ତେ ସମ୍ପୃକ୍ତ ଅଂଚଳର PHOE ଏବଂ ULB ଙ୍କ ମଧ୍ୟରେ Service Level Benchmark ନିର୍ଦ୍ଧାରଣ କରାଯାଇ ଏକ MOU ସାକ୍ଷରିତ କରାଯିବା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ପ୍ରଦାନ କରିଥିବା କମିଶନର ପ୍ରକାଶ କରିଥିଲେ । ଆସନ୍ତା ତା ୧୫.୦୧.୨୦୧୫ରିଖରେ ଏହି MOU ସାକ୍ଷର କରାଯିବା ନିମନ୍ତେ ନିର୍ଦ୍ଦେଶ ନାମା ପ୍ରାପ୍ତ ହୋଇଥିବାରୁ, ନିର୍ବାଚିତ ଲୋକ ପ୍ରତିନିଧି ତଥା ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏହି MOU ସାକ୍ଷର ଏବଂ ଏହି କାର୍ଯ୍ୟକ୍ରମର ବ୍ୟାପକ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରାଯାଉଥିବାର ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ଆର୍ଥିକ ବର୍ଷ ଆରମ୍ଭରୁ PHD Organisation ଗୁଡ଼ିକ ULB ଅଧିନରେ କାର୍ଯ୍ୟ କରିବା ନିମନ୍ତେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ । ଏହି MOU ନିମନ୍ତେ ବିଧିବଦ୍ଧ ଭାବେ କାଉନସିଲର ଅନୁମୋଦନ ଆବଶ୍ୟକ ଥିବା ମଧ୍ୟ ପ୍ରକାଶ କରିଥିଲେ ।

- PHD ବିଭାଗ ନିଗମ ଅଧିନକୁ ଅଣାଗଲେ, ଏ ଦିଗରେ ଆର୍ଥିକ ସମସ୍ୟା ଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ ।
- ଜାଇକା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହାର Maintenance ନିମନ୍ତେ ନିଗମକୁ ହସ୍ତାନ୍ତର କରାଯିବାର ପ୍ରସ୍ତାବ ରହିଥିବାରୁ, ନିଗମ ଅଧିନରେ ସମସ୍ତ Technical Know How ର ଆବଶ୍ୟକତା, ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ବିସ୍ତୃତ ବିବରଣୀ, କିଭଳି ଭାବେ ପରବର୍ତ୍ତି ଅବସ୍ଥାରେ ପଙ୍କ ଉଦ୍ଧାର କରାଯାଇପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ନିମନ୍ତେ ଜାଇକା କର୍ତ୍ତୃପକ୍ଷଙ୍କ ସହ ଯଥାଶିଘ୍ର ଏକ ସ୍ୱତନ୍ତ୍ର ବୈଠକ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଜାଇକା ପ୍ରକଳ୍ପ କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ସହ ସମସ୍ତ Plan & Design ନିଗମ ଅଧିନରେ ରଖାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ଼ ନଂ-୦୮ :

- ପ୍ରତ୍ୟେକ ୱାର୍ଡ଼ର ନିର୍ଦ୍ଧାରିତ ୫ ଜଣ ଅତିରିକ୍ତ କୂଲୀଙ୍କ ମଧ୍ୟରୁ କେବଳ ୪ ଜଣ କାର୍ଯ୍ୟ କରୁଥିବାରୁ, ଅନ୍ୟ ଜଣେ କୂଲୀର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଠିକାଦାରଙ୍କ ଦ୍ୱାରା ଚହଟା ନଗରରେ କରାଯାଉଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାର ଅଭିଯୋଗ ପ୍ରାପ୍ତ ହୋଇ, ଏହି କାର୍ଯ୍ୟକୁ ବନ୍ଦ କରାଯାଇଥିବାରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ୱାର୍ଡ଼ର କେନ୍ଦୁଝର କଲୋନୀ ଏବଂ କାଫଲା ବଜାର ଠାରୁ ମାନସିଂହପାଟଣା ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନ ପାଣି ଚାଲୁଥିବାରୁ, ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଉପଯୁକ୍ତ DPR ପ୍ରସ୍ତୁତ କରାଯାଇ ଯଥାଶିଘ୍ର ପ୍ରତିକାରର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ସମ୍ପୃକ୍ତ  କନିଷ୍ଠ ଯନ୍ତ୍ରୀ ମଧ ପାରିତ କରାଯାଇଥିବା ଅନ୍ୟାନ୍ୟ କାର୍ଯ୍ୟ ଗୁଡ଼ିକ ନିମନ୍ତେ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରୁନଥିବାର ଅଭିଯୋଗ ମଧ କରିଥିଲେ ।

❖ ୱାର୍ଡ଼ର ସଫେଇ କାର୍ଯ୍ୟ ନିମନ୍ତେ ରାମକୀ ସଂସ୍ଥାଙ୍କ ଦ୍ୱାରା ନୂତନ ହ୍ୟୁଲବାର ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଚଣ୍ଡି ମନ୍ଦିର ସମ୍ମୁଖ ଭାଗରେ ରହିଥିବା Garbage Point    କୁ ଯଥାଶିଘ୍ର ଅନ୍ୟ ସ୍ଥାନକୁ ଉଠାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ କଦମରସୁଲ ମଧରେ ବର୍ତମାନ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ନିଗମର ଏକ କମିଟି ମାଧମରେ ତଦାରକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ  ୱାର୍ଡ଼କୁ ବିଭିନ୍ନ ସମୟରେ ପରିଦର୍ଶନରେ ଯାଉଥିବା ନିଗମର ଅଧିକାରୀ ତଥା କର୍ମଚାରୀ ମାନେ ସେମାନଙ୍କର Ward Visit ସମ୍ପର୍କରେ ସୂଚନା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଜଣାଇବାକୁ ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ବିଜୟ ଦଲେଇ, କର୍ପୋରେଟର, ୱାର୍ଡ଼ ନଂ-୧୧ :**

❖ ଶିଶୁ ଭବନ ପରିସର ମଧରେ ଏକ ରାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ଅନୁମୋଦନ କରାଯାଇଥିବା ଦୃଷ୍ଟିରୁ, ଏହି ପଦକ୍ଷେପ ନିମନ୍ତେ ମାନ୍ୟବର ମେୟର ତଥା କମିଶନରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

❖ ୱାର୍ଡ଼ର ବିଭିନ୍ନ ଅଂଚଳରେ ରହିଥିବା କଲଭର୍ଟ ଗୁଡ଼ିକର ସଫାଇ କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ଶୌଚାଳୟର କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

❖ ୱାର୍ଡ଼ର ଶିଶୁ ଭବନ, ଉଚ୍ଚ ନ୍ୟାୟାଳୟ ଏବଂ RDC ଅଫିସ ଇତ୍ୟାଦି ପ୍ରମୁଖ ଅଂଚଳ ନିମନ୍ତେ NFCP କୂଲୀର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ପଦ୍ମା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୧୩ :**

❖ ୱାର୍ଡ଼ ନିମନ୍ତେ ପ୍ରଦାନ  କରାଯାଇଥିବା ଟିଫା ମେସିନ ବର୍ତମାନ ଅଚଳ ଅବସ୍ଥାରେ ରହିଥିବାରୁ, ନୂତନ ମେସିନ ପ୍ରଦାନ କରାଯାଇ Fogging Operation ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ନିଗମ ଦ୍ୱାରା ଆବଶ୍ୟକ ସଂଖ୍ୟକ ନୂତନ ଟିଫା ମେସିନ ସଂଗ୍ରହଣ କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ଗିରିବାଳା ବେହେରା ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ଼ ନଂ-୧୪ :**

❖ ୧୪ ନମ୍ବର ୱାର୍ଡ଼ଟି ସମ୍ପୂର୍ଣ୍ଣ ଭାବେ Water Logging Area ହୋଇଥିବାରୁ, ନିୟମିତ ଭାବେ ସୁଇପର ତଥା କୂଲୀ ଯୋଗାଇ ଦେବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ ମଧରେ ଜାଇକା ଦ୍ୱାରା ଗୋଟିଏ ସ୍ଥାନରେ କରାଯାଉଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ, ଅନ୍ୟ ସ୍ଥାନରେ ଏହି କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଆବର୍ଜନା ପରିବହନ କାର୍ଯ୍ୟକୁ ଦାୟିତ୍ୱରେ ରହିଥିବା ସାନିଟାରୀ ଇନ୍ସପେକ୍ଟର, ଜମାଦାର ତଥା ମେଟ ମାନେ ସଠିକ ଭାବେ ତଦାରକ କରୁନଥିବାରୁ, ଦୀର୍ଘ ଦିନ ଧରି ଆବର୍ଜନା ପଡ଼ି ରହୁଥିବାର ଅଭିଯୋଗ କରିଥିଲେ ।

- ସେ ମଧ୍ୟ ୱାର୍ଡ଼ର ମେଟଙ୍କୁ ଅନ୍ୟତ୍ର ବଦଳୀ କରାଯାଇ, ଜଣେ ନୂତନ ମେଟଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଉଷାରାଣୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୫ :**

- ୱାର୍ଡ଼ ନିମନ୍ତେ ଅତିରିକ୍ତ ଡ଼ଷ୍ଟବିନର ବ୍ୟବସ୍ଥା ଏବଂ ନିୟମିତ ଭାବେ ୱାର୍ଡ଼ର ବିଭିନ୍ନ ଅଂଚଳରେ ଟିଫା ମେସିନ ସାହାର୍ଯ୍ୟରେ ମଶାଧୂଆଁ ଛଡ଼ାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ସମୟରେ NFCP କୁଲୀ ମାନଙ୍କ କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ୱାର୍ଡ଼ର ଅନେକ ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ସେମାନଙ୍କର ପ୍ରତ୍ୟେକ ଦିନର କାର୍ଯ୍ୟ ବିବରଣୀ ସମ୍ପର୍କରେ ସମ୍ପୃକ୍ତ ସୁପରଭାଇଜର ମାଧମରେ ପ୍ରତ୍ୟେକ କର୍ପୋରେଟର ମାନଙ୍କୁ ଅବଗତ କରାଯିବା ନିମନ୍ତେ ଆସନ୍ତା ମାସ ଠାରୁ କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା, କମିଶନର ସୂଚନା ଦେଇଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ୍, କର୍ପୋରେଟର, ୱାର୍ଡ଼ ନଂ-୧୭ :**

- ଗୋରାକବରର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ କ୍ଷେତ୍ର ପରିଦର୍ଶନ କରାଯାଇ, ପ୍ରସ୍ତୁତ DPR ଅନୁଯାୟୀ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର ଆରମ୍ଭ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ୱାର୍ଡ଼ର ଡ୍ରେନ ଏବଂ ବୈଦ୍ୟୁତିକ ଆଲୋକ ବ୍ୟବସ୍ଥାକୁ ଅଗ୍ରାଧିକାର ପ୍ରଦାନ କରାଯାଇ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବହୁ ପୂର୍ବରୁ ନିଷ୍ପତି ଗ୍ରହଣ କରାଯାଇଥିବାରୁ, ଏ ଦିଗରେ ବିହିତ ପଦକ୍ଷେପ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ଆସନ୍ତା ମାସରେ ୪ ତାରିଖ ଦିନ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଶୋଭାଯାତ୍ରା ଉଦ୍ଦେଶ୍ୟରେ ସଠିକ ଭାବେ ପରିମଳର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ମଶା ବଂଶର ନିୟନ୍ତ୍ରଣ ନିମନ୍ତେ ଉପଯୁକ୍ତ ତେଲ ଓ ଔଷଧର ବ୍ୟବସ୍ଥା ସହ ଅଚଳ ଅବସ୍ଥାରେ ରହିଥିବା ଟିଫା ମେସିନ ଗୁଡ଼ିକର ଯଥାଶିଘ୍ର ମରାମତିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିକଟରେ ସଂଗ୍ରହଣ କରାଯାଇଥିବା ବୈଦ୍ୟୁତିକ ଆଲୋକ ଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ, ଏହାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ଅଚଳ ଅବସ୍ଥାରେ ରହିଥିବା ନଳକୂପ ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ ସହ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଆସନ୍ତା ଗ୍ରୀଷ୍ମଋତୁ ପୂର୍ବରୁ ନିଦ୍ଧିଷ୍ଟ ସଂଖ୍ୟକ ନୂତନ ନଳକୂପ ସ୍ଥାପନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ବିଭିନ୍ନ ୱାର୍ଡ଼ରେ ଭଗ୍ନ ଅବସ୍ଥାରେ ରହିଥିବା Platform ଗୁଡ଼ିକର ମରାମତିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ସର୍ଫେସ ଡ୍ରେନ ସଫାଇ ନିମନ୍ତେ ନିୟୋଜିତ କୁଲୀମାନଙ୍କର କାର୍ଯ୍ୟ ଅବଧିକୁ ଅତିରିକ୍ତ ୧୫ ଦିନ ନିମନ୍ତେ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ତୁଳସୀପୁର ଖେଳ ପଡ଼ିଆର Boundary Wall ନିର୍ମାଣ ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହାର ରକ୍ଷଣାବେକ୍ଷଣ ଦାୟୀତ୍ୱ ନିଗମ ଅଧିନକୁ ଅଣାଯିବାକୁ ମତ ଦେଇଥିଲେ ।
- ଜାଇକା ଏବଂ PHD କର୍ତୃପକ୍ଷଙ୍କ ସହିତ ଯଥାଶିଘ୍ର ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ଶ୍ରୀମତୀ ପ୍ରତିଭା ରାଏ ଘର ସମ୍ମୁଖ ଏବଂ ପ୍ରନିସିପାଲ ରେଭେନ୍ସା ସାନ୍ଧ୍ୟ କଲେଜଙ୍କ ଘର ସମ୍ମୁଖରେ ରହିଥିବା ଦୁଇଟି ଡ୍ରେନର ପୁର୍ନ ନିର୍ମାଣ କାର୍ଯ୍ୟ ନିମନ୍ତେ ଯଥାଶିଘ୍ର ଅଗ୍ରାଧିକାର ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- କାଉନସିଲ ବୈଠକରେ ବିଭିନ୍ନ କର୍ପୋରେଟର ମାନେ ପ୍ରଦାନ କରୁଥିବା ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଯଥାଶିଘ୍ର କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଏ. ଶ୍ରୀଦେବୀ , ଅଧ୍ୟକ୍ଷା, ଏଜୁକେସନ ରିକ୍ରେସନ ଏବଂ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି :**

- ବିଭିନ୍ନ ପାର୍କ ଗୁଡ଼ିକର ସୁପରିଚାଳନା ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବାର ସୂଚନା ପ୍ରଦାନ କରି, ଦୀର୍ଘ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ରହିଥିବା ସହିଦ ପାର୍କର ସମସ୍ତ ଆନୁସଙ୍ଗୀକ କାର୍ଯ୍ୟ ସମସ୍ତଙ୍କ ମିଳିତ ଉଦ୍ୟମରେ ସମ୍ପୂର୍ଣ୍ଣ କରାଯାଇ, ଆସନ୍ତା ଜାନୁଆରୀ ୧ ତାରିଖ ଠାରୁ ଜନସାଧାରଣ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରାଯିବାର ବ୍ୟବସ୍ଥା କରାଯାଇଥିବାର ସୂଚନା ଦେଇଥିଲେ ।
- ସେ ମଧ୍ୟ ନିଗମର Central Nursery ର ଚାରା ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।
- ସର୍ଫେସ ଡ୍ରେନ ମାନଙ୍କରୁ ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିୟୋଜିତ କୁଲୀ ମାନଙ୍କର ନିୟୋଜନର ଅବଧିକୁ ବୃଦ୍ଧି କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ ନଂ-୧୮ :**

- ଆସନ୍ତା ନେତାଜୀ ଜୟନ୍ତୀ ଅବସରରେ, ନେତାଜୀଙ୍କ ଜନ୍ମପୀଠରେ ପ୍ରସ୍ତାବିତ ସମସ୍ତ କାର୍ଯ୍ୟ ଗୁଡ଼ିକ ନିଗମ ପକ୍ଷରୁ କରାଯିବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରହଣ କରାଯାଇ ସମସ୍ତ ନିଷ୍ପତି ଗୁଡ଼ିକ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ନିବେଦନ କରିଥିଲେ ।

ଜାତୀୟ ଐତିହ୍ୟ ନେତାଜୀଙ୍କ ଜନ୍ମସ୍ଥାନର ସୁରକ୍ଷା ତଥା ଆସନ୍ତା ମାସରେ ନେତାଜୀଙ୍କ ଜୟନ୍ତୀ ଅବସରରେ ଗଠିତ କମିଟିର ସୁପାରିଶ କ୍ରମେ ଗ୍ରହଣ କରାଯାଇଥିବା ବିଭିନ୍ନ ନିଷ୍ପତି ସମ୍ପର୍କରେ କମିଶନର ସୂଚନା ପ୍ରଦାନ କରିଥିଲେ । ନେତାଜୀଙ୍କ ଜନ୍ମସ୍ଥାନର ପଶ୍ଚିମ ପଟେ ରହିଥିବା ସମସ୍ତ ଗୃହ ଗୁଡ଼ିକର ରଙ୍ଗ Ivory Color କରାଯିବା ନିମନ୍ତେ ନିଗମକୁ ଦାୟିତ୍ୱ ପ୍ରଦାନ କରାଯାଇ, ୱାର୍ଡର କର୍ପୋରେଟର ମହୋଦୟ ସମ୍ପୃକ୍ତ ଗୃହ ମାଲିକ ମାନଙ୍କ ସହ, ଏ ଦିଗରେ ଆଲୋଚନା କରି ସେମାନଙ୍କର ମତ ପ୍ରାପ୍ତ ପରେ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଯାଇଥିବା ପ୍ରକାଶ କରିଥିଲେ । ଏ ଦିଗରେ ନିଗମକୁ ପ୍ରଦାନ କରାଯାଇଥିବା ଦାୟିତ୍ୱ ଗୁଡ଼ିକ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ ।

- ସେ ମଧ୍ୟ ୱାର୍ଡର ଚୁନଭାଟି ଗଳୀର ବିଭିନ୍ନ ୱାର୍ଡର ଅଳିଆ ଆବର୍ଜନା ଗୁଡ଼ିକ ଠୁଳ କରାଯାଉଥିବା ଦୃଷ୍ଟିରୁ, ଏହାର ପ୍ରତିକାର ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ ନଂ-୧୯ :**

- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ୱାର୍ଡ ନିମନ୍ତେ ୧୦ ଲେଖାଏଁ ନୂତନ ଡଷ୍ଟବିନ ବର୍ତମାନ ସୁଦ୍ଧା ପ୍ରଦାନ କରାଯାଇନଥିବାରୁ, ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ନିଗମ ବିଭିନ୍ନ ଅଂଚଳରେ ଡ଼ଷ୍ଟବିନ ଯୋଗାଇ ଦେବା ଏବଂ ପ୍ରତ୍ୟେକ ବର୍ଷ ନୂତନ ଡ଼ଷ୍ଟବିନ ସଂଗ୍ରହଣ ଦିଗରେ ବିଭିନ୍ନ ସମୟରେ Audit Objection କରାଯାଉଥିଲେ ମଧ୍ୟ, ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବକେୟା ରହିଥିବା ୩୦୦ଟି ନୂତନ ଡ଼ଷ୍ଟବିନ ସଂଗ୍ରହଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା କମିଶନର ପ୍ରକାଶ କରିଥିଲେ ।

- ୱାର୍ଡର ବିଭିନ୍ନ ସ୍ଥାନରୁ ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ନିୟମିତ ଭାବେ ବିଳମ୍ବିତ ସମୟରେ ଗାଡ଼ି ଗୁଡ଼ିକ ଯାଉଥିବାରୁ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡର 13th Finance Commission Grant ର ଏକ Road & Drain କାର୍ଯ୍ୟ ନିମନ୍ତେ ନଥି ନଂ-୨୪୦୬/୨୦୧୨-୧୩ ନିଗମର ବିତ ଅଧିକାରୀଙ୍କ ପାଖରେ ରହିଥିବାରୁ, ଏହାର ତ୍ୱରାନ୍ୱିତ ନିମନ୍ତେ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**

- ନିଗମ ଅଂଚଳରେ ମଶାର ଡ଼େନସିଟି ବୃଦ୍ଧି ପାଇଥିବାରୁ, ଯଥାଶିଘ୍ର ML Oil ସଂଗ୍ରହଣ ନିମନ୍ତେ ପ୍ରସ୍ତାବକୁ ଅନୁମୋଦନ କରାଯିବାକୁ ମତ ଦେଇଥିଲେ ।

❖ ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିୟୋଜିତ କୁଲୀ ମାନଙ୍କର କାର୍ଯ୍ୟ ଅବଧିକୁ ଅତିରିକ୍ତ ଏକ ମାସ ନିମନ୍ତେ ବୃଦ୍ଧି କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଧିନରେ ରହିଥିବା ବିଭିନ୍ନ ଡ଼ିସପେନସ୍ୟାରୀରେ ଆବଶ୍ୟକୀୟ ଔଷଧ ନଥିବା ଦୃଷ୍ଟିରୁ, ଯଥାଶିଘ୍ର ଏ ଗୁଡ଼ିକର ସଂଗ୍ରହଣ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ସମ୍ଭାବ୍ୟ ଜଣ୍ଡିସ ରୋଗ ଏବଂ ପାନୀୟ ଜଳର ସମସ୍ୟା ନିମନ୍ତେ PHD ବିଭାଗ ଅଧିନରେ ଦାୟୀତ୍ୱରେ ରହିଥିବା ସମସ୍ତ ଯନ୍ତ୍ରୀ ମାନଙ୍କର ଟେଲିଫୋନ ନମ୍ବର ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନୂତନ ବୈଦ୍ୟୁତିକ ଆଲୋକ ସଂଗ୍ରହଣ କରାଯାଇ ୱାର୍ଡ଼ର ଆବଶ୍ୟକ ସ୍ଥାନରେ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । କେବଳ Sodium Vapour Light ସଂଗ୍ରହଣର ବ୍ୟବସ୍ଥା କରାଯିବାକୁ ସେ ମଧ୍ୟ ମତ ଦେଇଥିଲେ ।

❖ ସହକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପଦବୀକୁ ପୂରଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମର ବୈଦ୍ୟୁତିକ ବିଭାଗରେ କାର୍ଯ୍ୟରତ ଶ୍ରୀ ବାଉରୀବନ୍ଧୁ ସିଂ, ବୈଦ୍ୟୁତିକ ମେଟ, ୫୧ ନମ୍ବର ୱାର୍ଡ଼ ମଧ୍ୟରେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣା ଶିକାର ହୋଇ ଶ୍ରୀରାମ ଚନ୍ଦ୍ର ମେଡ଼ିକାଲ କଲେଜରର ଅସ୍ଥି ଶଲ୍ୟ ବିଭାଗରେ ଚିକିତ୍ସିତ ହୋଇ ବର୍ତମାନ ଅତ୍ୟନ୍ତ ପଙ୍ଗୁ ଅବସ୍ଥାରେ ରହିଥିବାରୁ ତାଙ୍କର ଡ଼ାକ୍ତରୀ ଚିକିତ୍ସା ନିମନ୍ତେ ସେ ଆବେଦନ କରିଥିବା ଟ. ୩୦,୦୦୦/- ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ନିଗମର ବର୍ତମାନର ଆର୍ଥିକ ପରିସ୍ଥିତି ସମ୍ପର୍କରେ ଯେଉଁ ତଥ୍ୟ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯାଇଛି, ସେଥିପାଇଁ ଧନ୍ୟବାଦ ଜ୍ଞାପନ ମଧ୍ୟ କରିଥିଲେ । ପ୍ରତ୍ୟେକ ମାସର କାଉନସିଲ ବୈଠକରେ ଏହି ତଥ୍ୟ ସମସ୍ତ ସଦସ୍ୟ / ସଦସ୍ୟାଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

❖ ଅବଶିଷ୍ଟ ଡ଼ଷ୍ଟବିନ ଗୁଡ଼ିକ ଯଥାଶିଘ୍ର ସଂଗ୍ରହଣ କରାଯାଇ, ସମାନତା ଭିତିରେ ପ୍ରତ୍ୟେକ ୱାର୍ଡ଼କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସମ୍ଭାବ୍ୟ ଜଣ୍ଡିସ ରୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ନିମନ୍ତେ ଯଥାଶିଘ୍ର ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ପାଣ୍ଠିର ଅନୁମୋଦନ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।

**ଶ୍ରୀଯକ୍ତା ପାରୁଲ ଜୟସ୍ୱାଲ, କର୍ପୋରେଟର, ୱାର୍ଡ଼ ନଂ-୨୫ :**

❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅବସ୍ଥାର ଅନୁଧ୍ୟାନ ନିମନ୍ତେ ମେୟର ତଥା କମିଶନରଙ୍କ ଦ୍ୱାରା ୱାର୍ଡ଼ ପରିଦର୍ଶନ କରିବାର ପ୍ରସ୍ତାବ ଆଗତ କରିଥିଲେ ।

❖ ବିଭିନ୍ନ ୱାର୍ଡ଼ ମାନଙ୍କରେ ଆବଶ୍ୟକତା ଅନୁଯାୟୀ Eletrical Spare Parts ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ସମୟରେ ଆବଶ୍ୟକତା ନଥିବା ସ୍ଥଳେ ଟେଣ୍ଡର ମାଧ୍ୟମରେ ନୂତନ କାର୍ଯ୍ୟ ଗୁଡ଼ିକ କରାଯାଉଥିଲେ ମଧ୍ୟ, ଜରୁରୀକାଳୀନ ପରିସ୍ଥିତରେ କେତେକ କାର୍ଯ୍ୟ ନିମନ୍ତେ ପାଣ୍ଠିର ଅଭାବ ଦର୍ଶାଯାଇ, ଉକ୍ତ କାର୍ଯ୍ୟ ଗୁଡ଼ିକ ହେଉପାରୁନଥିବାର ଅଭିଯୋଗ କରି, ବ୍ୟକ୍ତିଗତ ଭାବେ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରାଯାଇ କାର୍ଯ୍ୟ ଗୁଡ଼ିକ ଅନୁମୋଦନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଏକ ବର୍ଷ ମଧ୍ୟରେ ୱାର୍ଡ଼ ମଧ୍ୟରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପରିନଥିବାର ଅଭିଯୋଗ କରି, ନିଗମର ସମ୍ପୃକ୍ତ ଅଧିକାରୀ ମାନେ କର୍ପୋରେଟର ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ ।

❖ ବିଭିନ୍ନ ୱାର୍ଡ଼ରେ ଜାଇକା ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ଧିର ଓ ମନ୍ଥର ଗତିରେ ଚାଲୁଥିବାରୁ, ଏହି କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ❖ ମଶାବଂଶର ନିୟନ୍ତ୍ରଣ ନିମନ୍ତେ ML Oil, ଟିଫା ମେସିନ ଗୁଡ଼ିକର ମରାମତି, ବିଭିନ୍ନ ଡ଼ଷ୍ଟବିନ ତଥା ବୈଦ୍ୟୁତିକ ଆଲୋକ ନିମନ୍ତେ ସଂଗ୍ରହଣ କରାଯାଉଥିବା ସାମଗ୍ରୀ ଗୁଡ଼ିକ ଅନୁଧାନ କରାଯିବାକୁ ପରାମର୍ଶ ଦେଇଥିଲେ ।
- ❖ ପ୍ରତ୍ୟେକ ୱାର୍ଡ଼ ମାନଙ୍କର କୁଲୀ ନିୟୋଜନ ଏବଂ ସେମାନଙ୍କର କାର୍ଯ୍ୟର ଦୈନିକ ତଦାରକର ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ ।

ଚଳିତ କାଉନସିଲ ଅବଧି ମଧ୍ୟରେ କେବଳ ସମ୍ପୃକ୍ତ କର୍ପୋରେଟର ମାନଙ୍କ ସୁପାରିଶ କ୍ରମେ ରାସ୍ତା କିମ୍ବା ଡ୍ରେନ ନିର୍ମାଣ କାର୍ଯ୍ୟ ଗୁଡ଼ିକ ଅନୁମୋଦନ କରାଯାଉଥିବା କମିଶନର ସୂଚନା ଦେଇଥିଲେ ।

**ଶ୍ରୀମତୀ କାଂଚନ ଦାସ, କର୍ପୋରେଟର, ୱାର୍ଡ଼ ନଂ-୨୭ :**

- ❖ ୱାର୍ଡ଼ର ନୂଆ ରାଉସାପାଟଣା ଠାରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା କମ୍ୟୁନିଟି ହଲକୁ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ, କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ ନିବେଦନ କରିଥିଲେ ।

**ଶ୍ରୀମତୀ ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :**

- ❖ ୱାର୍ଡ଼ର ବିଭିନ୍ନ ସ୍ଥାନରୁ ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ନିୟୋଜିତ ଗାଡ଼ି ଗୁଡ଼ିକ ଠିକ୍ ସମୟରେ ଆସୁନଥିବାରୁ, ଏ ଦିଗରେ ପଦକ୍ଷେପ ନିମନ୍ତେ ଅନୁରୋଧ କରିଥିଲେ ।
- ❖ ୱାର୍ଡ଼ ମଧ୍ୟରେ ରହିଥିବା ଅଙ୍ଗନୱାଡ଼ୀ ୱାର୍କର ମାନେ ସେମାନଙ୍କର ନିୟମିତ ବେତନ ପାଉନଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧:**

- ❖ ୱାର୍ଡ଼ ମାନଙ୍କରେ ନିୟୋଜିତ କୁଲୀ ମାନଙ୍କର କାର୍ଯ୍ୟ ଅବଧିକୁ ଅତିରିକ୍ତ ୧ ମାସ ନିମନ୍ତେ ବୃଦ୍ଧି କରାଯିବାକୁ ନିବେଦନ କରିଥିଲେ ।
- ❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗୁଡ଼ିକ ଦୀର୍ଘଦିନ ଧରି ପଡ଼ି ରହିଥିବାରୁ, ଯଥାଶିଘ୍ର ଏ ଗୁଡ଼ିକ ଉଠାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ମଧ ଅନୁରୋଧ କରିଥିଲେ ।
- ❖ ୱାର୍ଡ଼ ନିମନ୍ତେ ନିୟୋଜିତ ୫ଜଣ Permanent କୁଲୀଙ୍କ ମଧ୍ୟରୁ ୩ ଜଣଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଥିବାରୁ, ସେମାନଙ୍କ ସ୍ଥାନରେ ପୁନଃ ନିଯୁକ୍ତି ପ୍ରଦାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧକ୍ଷ, ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :**

- ❖ ୱାର୍ଡ଼ର ଏକ ଡ୍ରେନର ଢଳେଇ କାର୍ଯ୍ୟ କରାଯାଉଥିବା ଦୃଷ୍ଟିରୁ ସାମୟିକ ଭାବେ ଉକ୍ତ ଡ୍ରେନକୁ ବନ୍ଦ କରାଯାଇ ରାସ୍ତା ଜଳମଗ୍ନ ହେଉଥିବାରୁ, ବିଭିନ୍ନ ଗଣ ମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ କରାଯାଇଥିବାରୁ, ଦୁଃଖ ପ୍ରକାଶ କରିଥିଲେ । ଉକ୍ତ ଡ୍ରେନ ମାଧ୍ୟମରେ ୩୨, ୩୪ ଓ ୩୫ ନମ୍ବର ୱାର୍ଡ଼ ମାନଙ୍କର ଜଳ ନିଷ୍କାସିତ ହେଉଥିବା ଦୃଷ୍ଟିରୁ ସାମୟିକ ଭାବେ ଏହି ସମସ୍ୟା ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

- ❖ ୱାର୍ଡ଼ର ସହିଦ ପାର୍କର ସମସ୍ତ କାର୍ଯ୍ୟ, ଏଜୁକେସନ, ରିକ୍ରେସନ ଏବଂ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷାଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ କରାଯାଇଥିବା ଦୃଷ୍ଟିରୁ ଧନ୍ୟବାଦ ଜ୍ଞାପନ କରି, ଯଥାଶିଘ୍ର ଏହି ପାର୍କକୁ ଲୋକାର୍ପଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ୱାର୍ଡ଼ର ସାମିଆ ପୋଖରୀ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଥିବାରୁ, ଉକ୍ତ ପୋଖରୀର କଡ଼ରେ ଡ୍ରେନ ନିର୍ମାଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୩ଟି ୱାର୍ଡ଼ର ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ PHD Pipe Line ମଧ୍ୟରେ ୨୫ ଏବଂ ୩୪ ନମ୍ବର ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅଳିଆପାଣି ଆସୁଥିବାରୁ ଏହାର ପ୍ରତିକାର ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ୱାର୍ଡ଼ର କେତେକ ସ୍ଥାନରେ ଜରୁରୀ କାଳୀନ ପରିସ୍ଥିତିରେ ଡ୍ରେନ ମରାମତି କରାଯିବାର ଆବଶ୍ୟକତା ରହିଥିବାରୁ, ଏଥିପାଇଁ ଲିଖିତ ପ୍ରସ୍ତାବ ମଧ ପ୍ରଦାନ କରାଯାଇଥିବାରୁ, ଆବଣ୍ଟିତ ୧୫ ଲକ୍ଷ ଟଙ୍କା ମଧରେ ଏହି କାର୍ଯ୍ୟ ଗୁଡ଼ିକ ଅର୍ନ୍ତଭୂକ୍ତ କରାଯିବାକୁ ନିବେଦନ କରିଥିଲେ ।
- ୱାର୍ଡ଼ର ଫଗିଙ୍ଗ ଅପରେସନ ନିମନ୍ତେ ଏକ ଭଲ ଟିଫା ମେସିନ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିକୁ ପ୍ରଦାନ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟିରେ ଆଲୋଚନା କରାଯାଉନଥିବାର ଅଭିଯୋଗ କରିଥିଲେ ।
- ଜରୁରୀକାଳୀନ ପରିସ୍ଥିତିରେ ୱାର୍ଡ଼ ନିମନ୍ତେ ଅତିରିକ୍ତ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ କାର୍ଯ୍ୟ ନିମନ୍ତେ ଲିଖିତ ଅଭିଯୋଗ ପ୍ରଦାନ କରାଯାଉଥିଲେ ମଧ, ନିଗମର ସମ୍ପୃକ୍ତ ବିଭାଗ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ କରିଥିଲେ ।

**ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ-୩୫ :**

- ୱାର୍ଡ଼ର ଚବିଶ ପ୍ରହର ନାମ ଯଜ୍ଞ ଉପଲକ୍ଷେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବେହେରା କଲୋନୀ ପାର୍କର ଗ୍ରୀଲ ଗୁଡ଼ିକରେ ରଙ୍ଗ ଦେବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।
- ମଙ୍ଗଳାବାଗ ଛକ ଠାରୁ ମେଡ଼ିକାଲ ରୋଡ଼ର ମୁଖ୍ୟ ନାଳର Retaining Wall ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନିମନ୍ତେ ବ୍ଲିଚିଙ୍ଗ ପାଉଡ଼ର, ଚୁନ ଏବଂ କେତେକ ଡ଼ଷ୍ଟବିନ ଯୋଗାଇ ଦେବାକୁ ମଧ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ କର୍ପୋରେଟର, ୱାର୍ଡ଼ ନଂ-୩୮ :**

- ୱାର୍ଡ଼ର ବିଭିନ୍ନ ସ୍ଥାନରେ ନଳକୂପ ଗୁଡ଼ିକର ମରାମତି ଏବଂ କେତେକ ନୂତନ ନଳକୂପ ସ୍ଥାପନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କଲେଜଛକର ନେତାଜୀଙ୍କ ପ୍ରତିମୂର୍ତି ପାର୍ଶ୍ୱରେ ସ୍ଥାପନ କରାଯାଇଥିବା Information Display Board ର ମରାମତି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼କୁ ପ୍ରଦାନ କରାଯାଉଥିବା ନୂତନ ଲାଇଟ ଗୁଡ଼ିକ ଖରାପ ହୋଇଯାଇଥିବାରୁ ଏ ଗୁଡ଼ିକର ମରାମତି ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ମେଡ଼ିକାଲ ପବ୍ଲିକ ସ୍କୁଲ ଠାରୁ ସେଟିଲମେଣ୍ଟ ଅଫିସ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଉପରେ ଏକ ବ୍ରିଜ ନିର୍ମାଣର ରହିଥିବାରୁ, ଏହି ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ ନିବେଦନ କରିଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ନୂତନ ହୋଡ଼ିଙ୍ଗ ଗୁଡ଼ିକ ବିନା ଅନୁମୋଦନରେ ସ୍ଥାପନ କରାଯାଉଥିବାରୁ, ଏ ଦିଗରେ ବିହିତ ପଦକ୍ଷେପ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ ।
- କଲେଜ ଛକ ଠାରେ ଏକ ଭେଣ୍ଡିଙ୍ଗ ଯୋନ ନିର୍ମାଣ ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ ନିବେଦନ କରିଥିଲେ ।
- ପିଲିଗ୍ରୀମ ରୋଡ଼ଠାରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ, ଏକ ଶୌଚାଳୟ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ମାଲଗୋଦାମ ବେହେରା ସାହି ଅଂଚଳର PHD Pilpe ଲାଇନ ମଧରେ ଦୂଷିତ ପାଣି ଆସୁଥିବାରୁ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତା ସୁଲୋଚନା ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୩୯ :**

- ୱାର୍ଡ଼ ନିମନ୍ତେ ଅତିରିକ୍ତ ଡ଼ଷ୍ଟବିନ ବ୍ୟବସ୍ଥା, ବୈଦ୍ୟୁତିକ ଆଲୋକ ଗୁଡ଼ିକର ମରାମତି କାର୍ଯ୍ୟ ଏବଂ ନିୟମିତ ୱାର୍ଡ଼ର ବିଭିନ୍ନ ଡ୍ରେନ ଗୁଡ଼ିକ ସଫା କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ ।

## ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ :

- ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରି, ଦଳମତ ନିର୍ବିଶେଷରେ ସଦସ୍ୟ / ସଦସ୍ୟା ମାନେ ସେମାନଙ୍କର ୱାର୍ଡ଼ର ବିଭିନ୍ନ ସମସ୍ୟାମାନ ଉପସ୍ଥାପନ କରି, ସମାଧାନର ବାଟ ନିର୍ଦ୍ଧାରଣ କରୁଥିବାରୁ, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- ବିଭିନ୍ନ ସମୟରେ କାଉନସିଲ ଦ୍ୱାରା ପାରିତ ନିଷ୍ପତି ଗୁଡ଼ିକ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବା ନିମନ୍ତେ କମିଶନରଙ୍କ ଦ୍ୱାରା ତଦାରକ କରାଯିବାକୁ ଅନୁରୋଧ କରାଗଲା ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀ ଗୁଡ଼ିକ, କାଉନସିଲ ବୈଠକର ଯଥେଷ୍ଟ ପୂର୍ବରୁ ପ୍ରଦାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ସେ ମଧ ନିଗମ ପାଣ୍ଠିର ଅର୍ଥ ୫୫ ଟି ବିଭିନ୍ନ ବ୍ୟାଙ୍କରେ ରଖାଯାଇଥିବାରୁ, ଏ ଦିଗରେ କମିଶନରଙ୍କ ଦ୍ୱାରା ସ୍ପଷ୍ଟିକରଣ ନିମନ୍ତେ ଅନୁରୋଧ କରାଗଲା ।
- ପ୍ରତ୍ୟେକ ମାସ ବୈଠକରେ Mothly Income & Expenditure Statement ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ଅନୁରୋଧ କରାଗଲା ।
- ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ ଅନୁଯାୟୀ ବିଭିନ୍ନ ୱାର୍ଡ଼ର ଫଗିଙ୍ଗ ଅପରେସନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଯଥେଷ୍ଟ ପୂର୍ବରୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ୱାର୍ଡ଼କୁ ୨ଜଣ ବ୍ରଶ କଟର ପ୍ରଦାନ କରାଯାଇନଥିବାର ଅଭିଯୋଗ କରିଥିଲେ ।
- ସେହିପରି ସର୍ଫେସ ଡ୍ରେନର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିର୍ଦ୍ଧାରିତ ୫ ଜଣ କୁଲୀ ୱାର୍ଡ଼ ନିମନ୍ତେ ପ୍ରଦାନ କରାଯାଇନଥିବାର ଅଭିଯୋଗ ମଧ କରିଥିଲେ ।
- ନିର୍ଦ୍ଧିଷ୍ଟ ଏକ ୱାର୍ଡ଼ ନିମନ୍ତେ ୧୩ ଟି ସେମି ହାଇମାଷ୍ଟ ଆଲୋକ ସ୍ଥାପନ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ , ଏହାକୁ ଅନୁଧାନ କରାଯାଇ ଅନ୍ୟାନ୍ୟ ୱାର୍ଡ଼ର ଆବଶ୍ୟକ ସ୍ଥାନରେ ଏହି ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କର୍ପୋରେଟର ମାନେ ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟିରେ ପ୍ରଦାନ କରୁଥିଲେ ମଧ, ସେ ଗୁଡ଼ିକ ସ୍ଥଳ ବିଶେଷରେ ଆଲୋଚନା କରାନଯାଇ ସମ୍ପୃକ୍ତ ବିବରଣୀ ମାଧମରେ ସ୍ଥାନ ପାଉନଥିବାର ଅଭିଯୋଗ କରିଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ବିସ୍ତିର୍ଣ୍ଣ ସରକାରୀ ଜମି ରହିଥିବାରୁ, ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ସେଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଦୀର୍ଘ ମାସ ଧରି ଭଗ୍ନ ଏବଂ ଅଚଳ ଅବସ୍ଥାରେ ରହିଥିବା ଶୌଚାଳୟର ଆବଶ୍ୟକୀୟ ମରାମତି କାର୍ଯ୍ୟ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ, ଏ ଦିଗରେ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଶ୍ରୀଯୁକ୍ତ ହେମନ୍ତ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୧ :

- ୱାର୍ଡ଼ର ଶୌଚାଳୟ ଗୁଡ଼ିକର ଆବଶ୍ୟକୀୟ ମରାମତି ଏବଂ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବାରୁ, ଏଥିପାଇଁ ମାନ୍ୟବର ମେୟର ଏବଂ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତାବ ଗୁଡ଼ିକ ଯନ୍ତ୍ରୀ ବିଭାଗକୁ ପ୍ରଦାନ କରାଯାଇଥିବା ଦୃଷ୍ଟିରୁ, ସେ ଗୁଡ଼ିକ ଅନୁଧାନ କରାଯାଇ, ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରିଥିଲେ ।
- ୱାର୍ଡ଼ର ସୁଇପର କଲୋନୀ ମଧ୍ୟରେ ବସବାସ କରୁଥିବା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ବକେୟା ଦେୟ ପ୍ରଦାନ ନିମନ୍ତେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

- ୱାର୍ଡ଼ ମଧରେ ରହିଥିବା ଏକ ଶୌଚାଳୟର ବୈଦ୍ୟୁତିକ ଦେୟ ଭରଣା କରାଯାଇନଥିବା ଦୃଷ୍ଟିରୁ  ଏବଂ ଉକ୍ତ ଶୌଚାଳୟର ବୈଦ୍ୟୁତିକ ଲାଇନକୁ କଟାଯାଇଥିବାରୁ, ଏହାକୁ ଅନୁଧାନ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାର୍ଡ଼ର ଶ୍ରୀରାମ ନର୍ସିଂଙ୍ଗ ହୋମ ନିକଟରେ ଥିବା MSD ର ନିର୍ମାଣ କାର୍ଯ୍ୟକୁ ବର୍ତମାନ ନିମନ୍ତେ ବନ୍ଦ ରଖାଯାଇଥିବାରୁ, ସେଠାରେ Land Dispute କୁ ସମାଧାନ କରାଯାଇ ଯଥାଶିଘ୍ର ଟେଣ୍ଡର କାର୍ଯ୍ୟକୁ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନିମନ୍ତେ କେବଳ ୨ଟି ଡ଼ଷ୍ଟବିନ ପ୍ରଦାନ କରାଯାଇଥିବାରୁ ଅବଶିଷ୍ଟ ଡଷ୍ଟବିନ ପ୍ରଦାନ ସହ, ୱାର୍ଡ଼ର ଅତିରିକ୍ତ କୁଲୀ ମାନଙ୍କୁ ବର୍ତମାନ ସୁଦ୍ଧା ପ୍ରଦାନ  କରାଯାଇନଥିବାରୁ, ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, ଅଧକ୍ଷ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି  :**

- ବିଭିନ୍ନ ସମୟରେ କାଉନସିଲ ତଥା ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ପାରିତ କରାଯାଉଥିବା ପ୍ରସ୍ତାବ ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀ ନିମନ୍ତେ ସମ୍ପୃକ୍ତ ବିଭାଗକୁ ପତ୍ର ମାଧମରେ ଅବଗତ କରାଯିବାକୁ  ପ୍ରସ୍ତାବ ଦେଇଥିଲେ ।
- ନିଗମର ବିନା ଅନୁମତିରେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ହୋଡ଼ିଙ୍ଗ ଗୁଡ଼ିକର ଏଜେନ୍ସି ମାନଙ୍କୁ ନିଗମ ଅଧିନରେ ପଞ୍ଜୀକରଣ କରାନଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ବୁରୁଜ ପାର୍କ ଏବଂ ଦେବୀ ଗଡ଼ା ନିକଟରେ ବେଆଇନ  ଭାବେ ରାସ୍ତା ଉପରେ Debris ଗଦା କରାଯାଉଥିବାରୁ, ଏ ଦିଗରେ  କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ରିଙ୍ଗରୋଡ଼ରେ ବାଲିଟ୍ରକ ମାନଙ୍କ ଠାରୁ  ଟ. ୧୦.୦୦ ଲେଖାଏଁ ଫି ଆଦାୟ କରାଯିବା ନିମନ୍ତେ , ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି  ବୈଠକରେ ଉପସ୍ଥାପନା କରାଯାଉଥିବା ସମସ୍ତ ପ୍ରସ୍ତାବ ଗୁଡ଼ିକ ଆଲୋଚନା କରାଯାଇ, ଆବଶ୍ୟକ ସ୍ଥଳେ  ଅନୁମୋଦନ ନିମନ୍ତେ ସୁପାରିଶ କରାଯାଉଥିବା ପ୍ରକାଶ କରିଥିଲେ ।
- ନିଗମର ଯନ୍ତ୍ରୀ ବିଭାଗର Nodal Officer ଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ର ପ୍ରକଳ୍ପ କାର୍ଯ୍ୟ ତଥା ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରତ୍ୟେକ ମାସର ଷ୍ଟାଣ୍ଡିଙ୍ଗ ବୈଠକରେ ଉପସ୍ଥାପନ କରାଯାଇ, ସମସ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ ।

ନିକଟରେ ତଅଁଲା ସାହିରୁ ଉଚ୍ଛେଦ କରାଯାଇଥିବା ବସ୍ତି ବାସିନ୍ଦା ମାନେ  ନଦୀ ବନ୍ଧରେ ଆଶ୍ରୟ ନେଇଥିବା ଦୃଷ୍ଟିରୁ, ମାନବିକତା ଦୃଷ୍ଟି କୋଣରୁ ବିଚାର କରାଯାଇ, ସେମାନଙ୍କ ନିମନ୍ତେ କେତେକ ପଲିଥିନର ବ୍ୟବସ୍ଥା କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ନମିତା ବାରିକ ନିବେଦନ କରିଥିଲେ । ସେ ଅଂଚଳରେ ନିଗମ ତରଫରୁ ବୈଦ୍ୟୁତିକ ଆଲୋକ ତଥା ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଜିଲ୍ଲା ପ୍ରଶାସନ ସହ ଆଲୋଚନା କରାଯାଇ, ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନର ପ୍ରତିଶୃତି ଦେଇଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୭  :**

- ନିଗମର ନିଜସ୍ୱ ଆୟ  ବୃଦ୍ଧି ଦିଗରେ ଗୃହ ଟିକସର ପ୍ରକୃତ ଆକଳନ ତଥା ପୁନଃ ଆକଳନ ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ  ସମୟରେ ବିଭିନ୍ନ ଯୋଜନାରେ ପ୍ରାପ୍ତ ହେଉଥିବା ସରକାରୀ ଅନୁଦାନର ବିନିଯୋଗ  ନିମନ୍ତେ ପ୍ରତ୍ୟେକ ୱାର୍ଡ଼ର ଆବଶ୍ୟକ ଥିବା କାର୍ଯ୍ୟ ଗୁଡ଼ିକ ଅନୁଧାନ କରାଯାଇ, ସମାନ ଭାବେ ପାଣ୍ଠି ବିନିଯୋଗର ବ୍ୟବସ୍ଥା କରାଯିବାକୁ ମଧ ଅନୁରୋଧ କରିଥିଲେ ।
- ଆସନ୍ତା ମାସ ଠାରୁ ନିୟମିତ ଭାବେ ଟିଫା ମେସିନ ସାହାର୍ଯ୍ୟରେ ପ୍ରତ୍ୟେକ ୱାଡ଼ଁ ମଧରେ Fogging Operation କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ନିଗମ ଅଧିନରେ ରହିଥିବା ୱାର୍ଡ଼ ଗୁଡ଼ିକର ସଫାଇ କାର୍ଯ୍ୟ ନିମନ୍ତେ ପ୍ରତ୍ୟେକ ୱାର୍ଡ଼କୁ ୫ ଜଣ ଲେଖାଏଁ Permanent କୁଲୀ ନିୟୋଜନ କରାଯାଇଥିବା ସ୍ଥଳେ, ରାମକୀ ଅଧିନରେ ରହିଥିବା ୱାର୍ଡ଼ ମାନଙ୍କ ନିମନ୍ତେ ଅତିରିକ୍ତ ଦୁଇଜଣ ଲେଖାଏଁ କୁଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଶୁଲଭ ସଂସ୍ଥାଙ୍କ ଦ୍ୱାରା ପରିଚାଳିତ ୱାର୍ଡ଼ ମଧ୍ୟରେ ରହିଥିବା ଶୌଚାଳୟର କର୍ମଚାରୀ ମାନଙ୍କୁ ସେମାନଙ୍କର ବକେୟା ବେତନ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବାକୁ କମିଶନରଙ୍କୁ ଅନୁରୋଧ କରିଥିଲେ ।
- ଟିପ୍ପା ମେସିନ ଚଳାଉଥିବା ଫାଇଲେରୀଆ କର୍ମଚାରୀ ମାନଙ୍କୁ ସେମାନଙ୍କର ଦେୟ ପ୍ରଦାନ କରାଯିବା ନିମନ୍ତେ ମଧ୍ୟ ଅନୁରୋଧ କରିଥିଲେ ।
- ଓ.ଏମ୍.ପି. ଛକ ଠାରେ ଏକ ରାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ, ନିର୍ଦ୍ଦିଷ୍ଟ ଭାବେ ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, ଅଧ୍ୟକ୍ଷା, ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି :**

- ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ୱାର୍ଡ଼ର ଜନସାଧାରଣ ମାନଙ୍କର ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇ, ବୈଠକରେ କର୍ପୋରେଟର ମାନେ ଉପସ୍ଥାପନ କରୁଥିବା ପ୍ରସ୍ତାବ ଗୁଡ଼ିକ ଅନୁଧ୍ୟାନ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ।

**ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୫ :**

- ୱାର୍ଡ଼ ମଧ୍ୟରେ ରହିଥିବା ରିଙ୍ଗ ରୋଡ଼ ଠାରୁ ଖାନ ନଗର ବସ୍ତି ଡ୍ରେନଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହି, ବସ୍ତି ଅଂଚଳ ଜଳମଗ୍ନ ହେଉଥିବା ଦୃଷ୍ଟିରୁ, ଯଥାଶିଘ୍ର ଏହାର ମରାମତି କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସେ ମଧ୍ୟ ୱାର୍ଡ଼ର ରେଳ ଲାଇନ କଡ଼ରେ ଥିବା ବଡ଼ ଡ୍ରେନର ଅଳିଆ ଆବର୍ଜନା ସଫା କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନିମନ୍ତେ ଅତିରିକ୍ତ ୨ ଜଣ ସୁଇପର ବ୍ୟବସ୍ଥା କରାଯିବାକୁ ମଧ୍ୟ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ-୪୮:**

- ନିଗମର ବିଭିନ୍ନ ଅଂଚଳରେ ଗୃହ ଟିକସ ବୃଦ୍ଧି ନିମନ୍ତେ ଆଗତ ପ୍ରସ୍ତାବକୁ ନିଗମର ବାଇ-ଲର ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ସମୟରେ ଷ୍ଟାଣ୍ଡିଙ୍ଗ କମିଟି ତଥା କାଉନସିଲ ଦ୍ୱାରା ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀ ନିମନ୍ତେ ସମୀକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ମାର୍କେଟ କମ୍ପ୍ଲେକ୍ସ ତଥା ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ଡ୍ରେନ ସଫାଇ ନିମନ୍ତେ ଅତିରିକ୍ତ କର୍ମଚାରୀ ମୂତୟନ ସହ, ବଡ଼ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପୂର୍ବରୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଜଗତପୁର ଟ୍ରକ ଟରମିନାଲ ନିକଟରେ ଏକରାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ମମତା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୫୧ :**

- ଗତ ତା ୧୮.୧୧.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀର କ୍ରମିକ ନଂ-୨୮ ଏବଂ ୨୯ ପ୍ରସ୍ତାବିତ କାର୍ଯ୍ୟ ଗୁଡ଼ିକ ୱାର୍ଡ଼ ନଂ-୫୦ ର ପରିସୀମା ମଧ୍ୟରେ ଆସୁଥିବାରୁ, ଏହି କାର୍ଯ୍ୟ ଗୁଡ଼ିକ ୱାର୍ଡ଼ ନଂ-୫୧ ମଧ୍ୟରେ ଅର୍ନ୍ତଭୂକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ୱାର୍ଡ଼ ମଧ୍ୟରେ କାର୍ଯ୍ୟରତ ସମୟରେ ନିଗମର ବୈଦ୍ୟୁତିକ ବିଭାଗର ଶ୍ରୀ ବାଉରୀ ବନ୍ଧୁ ସିଂ ଦୁର୍ଘଟଣାର ଶୀକାର ହୋଇଥିବାରୁ, ତାଙ୍କର ଡ଼ାକ୍ତରୀ ଚିକିତ୍ସା ବାବଦ ଖର୍ଚ୍ଚକୁ ଭରଣା ନିମନ୍ତେ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯିବାକୁ ଅନୁରୋଧ କରିଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା ପାର୍କର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ଅନୁମୋଦନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସେହିପରି ସାର୍ଟୋଳ ପମ୍ପ ହାଉସର ଆବଶ୍ୟକୀୟ ପୁର୍ନରୁଦ୍ଧାର କାର୍ଯ୍ୟ ନିଗମ ତରଫରୁ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା Treatment Plant ର ପରିଚାଳନା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ-୫୫:**

- ମଶା ବଂଶର ନିୟନ୍ତ୍ରଣ ନିମନ୍ତେ କରାଯାଉଥିବା Fogging Operation ସଠିକ୍ ଭାବେ କରାଯାଉନଥିବାରୁ, ସମ୍ପୂର୍ଣ୍ଣ ଭାବେ ୱାର୍ଡ଼ର ସମଗ୍ର ଅଂଚଳ ସାମିଲ କରାଯାଇ ପାରୁନଥିବାର ଅଭିଯୋଗ କରିଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା MSWC ର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା ବିଭିନ୍ନ ସରଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଏ ଦିଗରେ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ଅଙ୍ଗନୱାଡ଼ୀ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଠିକ୍ ଭାବରେ କରାଯାଉନଥିବାରୁ, ଏଥିପାଇଁ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ଜାଇକା ପ୍ରକଳ୍ପ କାର୍ଯ୍ୟର ନିୟମିତ ତଦାରକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।

**ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬ :**

- ଜାଇକା ପାଣ୍ଠିର ବିନିଯୋଗରେ ୱାର୍ଡ଼ ମଧ୍ୟରେ କରାଯାଉଥିବା କମ୍ୟୁନିଟି ସେଣ୍ଟରର ନିର୍ମାଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଅତିରିକ୍ତ ଖର୍ଚ୍ଚକୁ ନିଗମ ପାଣ୍ଠିରୁ ଭରଣା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ସଫାଇ କାର୍ଯ୍ୟ ନିମନ୍ତେ ୫ ଜଣ ଅତିରିକ୍ତ ସୁଇପରଙ୍କ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୫୬ ଠାରୁ ୫୯ ନମ୍ବର ୱାର୍ଡ଼ ଗୁଡ଼ିକର ସର୍ଫେସ ଡ୍ରେନ ସଫାଇ ନିମନ୍ତେ ଯଥାଶିଘ୍ର ଅତିରିକ୍ତ କୁଲୀଙ୍କୁ ମୁତୟନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ପାନଗଡ଼ା ଛକ ଠାରେ ଟ୍ରାନ୍ସଫର୍ମର ଖରାପ ହୋଇଥିବାରୁ, ଏହାର ମରାମତି ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ୫୬ ରୁ ୫୯ ୱାର୍ଡ଼ ଗୁଡ଼ିକର ଡ୍ରେନେଜ ବ୍ୟବସ୍ଥା ନିମନ୍ତେ ଯଥାଶିଘ୍ର Action Plan ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସେହିପରି ୫୬ ଓ ୫୭ ନମ୍ବର ୱାର୍ଡ଼ ମଧ୍ୟରେ VAT ଏବଂ Pump House ନିର୍ମାଣ ନିମନ୍ତେ Action Plan ମଧ୍ୟ ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ବିଭିନ୍ନ ନଳକୂପ ଗୁଡ଼ିକ ନିମନ୍ତେ Platform ନିର୍ମାଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୫୬ ନମ୍ବର ୱାର୍ଡ଼ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରାଯାଇ ଅତିରିକ୍ତ Deer Park ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଥିବା ଦୃଷ୍ଟିରୁ, ଯଥାଶିଘ୍ର ଏହି ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୫୬ ରୁ ୫୯ ନମ୍ବର ୱାର୍ଡ଼ ମଧ୍ୟରେ ରାସ୍ତା ତଥା ଡ୍ରେନ ନିର୍ମାଣର ବ୍ୟବସ୍ଥା ନିମନ୍ତେ Special Fund ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, ଅଧକ୍ଷ, ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି :**

- ନିଗମର ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ପ୍ରସ୍ତାବିତ ସମସ୍ତ ସୁପାରିଶ ଗୁଡ଼ିକ କାଉନସିଲରେ ଅନୁମୋଦନ କରାଯିବାକୁ ଅନୁରୋଧ କରିଥିଲେ ।
- କମିଟି ଦ୍ୱାରା ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ଯଥାଶିଘ୍ର କାର୍ଯ୍ୟକାରୀ ନିମନ୍ତେ ନିର୍ଦ୍ଦେଶନାମା ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୫୬,୫୭,୫୮ ଏବଂ ୫୯ ଓ୍ୱାର୍ଡ଼ ଗୁଡ଼ିକର ସଫାଇ କାର୍ଯ୍ୟ ନିମନ୍ତେ ରାମକୀ ସଂସ୍ଥାଙ୍କ ସହ ଯୋଗାଯୋଗ କରାଯାଇ ଆବଶ୍ୟକ ସଂଖ୍ୟକ ସଫାଇ କର୍ମଚାରୀ ବୃଦ୍ଧି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଓ୍ୱାର୍ଡ଼ ନିମନ୍ତେ ଅତିରିକ୍ତ କୂଲୀ ନିୟୋଜନର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଆଗତ କରିଥିଲେ ।
- ଜାତୀୟ ରାଜପଥ କଡ଼ରେ ନିଗମର ବିନା ଅନୁମତିରେ ଅନେକ ହୋଡ଼ିଙ୍ଗ ସ୍ଥାପନ କରାଯାଇଥିବା ଦୃଷ୍ଟିରୁ, ସମ୍ପୃକ୍ତ ସଂସ୍ଥା ମାନଙ୍କ ଠାରୁ ନିର୍ଦ୍ଧାରିତ ଲାଇସେନ୍ସ ଫି ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ନୂତନ ଭାବେ ସାମିଲ କରାଯାଇଥିବା ଓ୍ୱାର୍ଡ଼ ଗୁଡ଼ିକର ରାସ୍ତା ଘାଟ ତଥା ଡ୍ରେନେଜ ନିର୍ମାଣ କାର୍ଯ୍ୟ ନିମନ୍ତେ ଏକ କମିଟି ମାଧମରେ କ୍ଷେତ୍ର ପରିଦର୍ଶନ କରାଯାଇ, ଆବଶ୍ୟକୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଗରିବ BPL ଫାମେଲି ମାନଙ୍କ ନିମନ୍ତେ ଉଦ୍ଧିଷ୍ଟ ସ୍ୱାସ୍ଥ୍ୟ ବିମା ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ଆସନ୍ତା ଜାନୁୟାରୀ ୩୦ ତାରିଖ ଦିନ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତିପୀଠଠାରେ ମହାତ୍ମାଗାନ୍ଧୀଙ୍କ ସହିଦ ଦିବସକୁ ପ୍ରତ୍ୟେକ ବର୍ଷ ଭଳି ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୩୧-୧୦-୨୦୧୪ରିଖ ବୈଠକର ୭ମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୩୧-୧୦-୨୦୧୪ରିଖ ବୈଠକର ୭ମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୨.୧** ଗତ ତା ୩୦.୧୦.୨୦୧୪ରିଖ କଣ୍ଷ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨** ଗତ ତା ୦୫.୧୧.୨୦୧୪ରିଖ କଣ୍ଷ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୩** ଗତ ତା ୧୫.୧୨.୨୦୧୪ରିଖ କଣ୍ଷ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୪** ଗତ ତା ୧୭.୧୧.୨୦୧୪ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୫** ଗତ ତା ୧୯.୧୨.୨୦୧୪ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୬** ଗତ ୧୪.୧୦.୧୪ରିଖ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୭** ଗତ ୧୫.୧୧.୧୪ରିଖ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୮** ଗତ ୧୫.୧୨.୧୪ରିଖ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୯** ଗତ ୨୦.୦୯.୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୦** ଗତ ୨୨.୧୦.୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୧** ଗତ ୨୦.୧୧.୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୨** ଗତ ୧୧.୧୨.୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୩** ଗତ ୨୦.୧୨.୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୪** ଗତ ତା ୧୪.୦୮.୨୦୧୪ରିଖ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୫** ଗତ ତା ୧୭.୧୧.୨୦୧୪ରିଖ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣନଂ-୨.୧୬** ଗତ ତା ୧୮.୧୨.୨୦୧୪ରିଖ ଟ୍ୟାକ୍ସେସନ, ଫାଇନାନସ୍ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୭** ଗତ ତା ୧୮.୧୧.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୮** ଗତ ତା ୧୬.୧୨.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୯** ଗତ ତା ୧୫.୧୧.୨୦୧୪ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୦** ଗତ ତା ୧୫.୧୨.୨୦୧୪ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୧** ଗତ ୧୦.୧୧.୨୦୧୪ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୨** ଗତ ୦୧.୧୨.୨୦୧୪ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୩** ଗତ ୦୮.୧୨.୨୦୧୪ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୪** ଗତ ୨୧.୦୮.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୫** ଗତ ୧୭.୦୯.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୬** ଗତ ୨୦.୧୦.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୭** ଗତ ୧୪.୧୧.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୮** ଗତ ୨୨.୧୧.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨୯** ଗତ ୦୯.୧୨.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୩୦** ଗତ ୨୬.୧୨.୨୦୧୪ରିଖ ପ୍ଲାନିଙ୍ଗ୍ ଆଣ୍ଡ୍ ଡେ଼ଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୩. ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ ଏବଂ କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ନିଗମର ବିଭିନ୍ନ ଅଂଚଳରେ ହୋଡ଼ିଙ୍ଗ ମାଧ୍ୟମରେ ବିଜ୍ଞାପନ ପଦର୍ଶନ ନିମନ୍ତେ ସମସ୍ତ Advertising Agency ମାନଙ୍କର ପଞ୍ଜିକରଣ କରାଯିବାକୁ ସ୍ଥିର କରାଯାଇଥିବା ଦୃଷ୍ଟିରୁ, ନିଗମର ବକେୟା ଦେୟ ପ୍ରଦାନରେ ଖିଲାପ କରିଥିବା ସଂସ୍ଥା ମାନଙ୍କୁ ନିଗମ ଅଂଚଳରେ ହୋଡ଼ିଙ୍ଗ ପ୍ରଦର୍ଶନ ନିମନ୍ତେ Registration ନକରାଯିବାକୁ ସ୍ଥିର କରାଗଲା ।

୨. ତା ୦୮.୧୨.୨୦୧୪ରିଖ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଂକରେ ସୁପାରିଶ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ନୁଆ ବଜାର ପୋତାପୋଖରୀସ୍ଥିତ ମାର୍କେଟ କମ୍ପ୍ଲେକ୍ସର ସମସ୍ତ ଦୋକାନ ଗୃହ ଗୁଡ଼ିକର ମାସିକ ଭଡ଼ାକୁ ତା ୧୬.୦୭.୨୦୦୮ରିଖ ଠାରୁ ତା ୦୯.୦୫.୨୦୧୦ ରିଖ ପର୍ଯ୍ୟନ୍ତ ୫୦% ପ୍ରତିଶତ ଛାଡ଼ କରାଯିବାକୁ ଅନୁମୋଦନ କରାଗଲା । ସେହିପରି ଏହି ମାର୍କେଟ କମ୍ପ୍ଲେକ୍ସର ସମସ୍ତ ବକେୟା ଦେୟକୁ ଏକ କିସ୍ତିରେ ଆଦାୟ କରାଯିବାକୁ ସ୍ଥିର କରାଗଲା ।

୩. Jadavpur University ଦ୍ୱାରା ପ୍ରଦତ୍ତ ଟାଉନହଲର Structural Safety Assessment Report ଅନୁଯାୟୀ, ବର୍ତ୍ତମାନର ପୁରୁଣା ଘର କାନ୍ଥ ଉପରେ ଭବିଷ୍ୟତରେ ଅଧିକ ମହଲା ନିର୍ମାଣ ସମ୍ଭବ ହେଉନଥିବାରୁ ଏବଂ ଘରର ଦୀର୍ଘ ସ୍ଥାୟୀତ୍ୱ ତଥା ଲୋକ ମାନଙ୍କ ନିରାପତା ପାଇଁ ପୁରୁଣା କାନ୍ଥକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଉକ୍ତ ସ୍ଥାନରେ RCC କଲମ ଏବଂ ବିମ ନିର୍ମାଣ କରି RCC ର ଛାତ ପକାଇବା ପାଇଁ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ ଅନୁମୋଦନ କରାଗଲା । ଏଥି ସହିତ ପୁର୍ନବାର ନିର୍ମାଣ କରାଯିବାକୁ ଥିବା ଇଟା କାନ୍ଥରେ ଯଥା ସମ୍ଭବ ପୁରୁଣା କାରୁକାର୍ଯ୍ୟ ଏବଂ ସ୍ଥାପତ୍ୟର ପ୍ରତିରୂପ ସ୍ଥାପନ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା । ଏହି ଅଟ୍ଟାଳିକାର ସମସ୍ତ ଭଗ୍ନ ଜିନିଷ ଗୁଡ଼ିକ (Dismantaled Materials) ନିଲାମ ମାଧ୍ୟମରେ Dispose କରାଯିବାକୁ ମଧ୍ୟ ନିଷ୍ପତି ଗ୍ରହଣ କରାଗଲା ।

୪. କଟକ ମହାନଗର ନିଗମ ଅଂଚଳର ସମସ୍ତ Residential Holdings ଗୃହ ଟିକସର ଆକଳନ ହାରକୁ ବୃଦ୍ଧି କରାଯିବା ନିମନ୍ତେ ନିଗମର ଟ୍ୟାକ୍ସସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟିର ତା ୧୮.୧୨.୨୦୧୪ରିଖ ବୈଠକରେ ଗ୍ରହଣ କରାଯାଇଥିବା ସୁପାରିଶକୁ ଅନୁଧାନ କରାଯାଇ, ଗୃହ ଟିକସର ପ୍ରସ୍ତାବିତ ମୂଲ୍ୟାୟନ ହାରକୁ

ନିମ୍ନପ୍ରକାରରେ ଆସନ୍ତା ଆର୍ଥିକ ବର୍ଷର ତା.୧.୪.୨୦୧୫ରିଖ ଲାଗୁ କରାଯାଇ ବାସ ଉପଯୋଗୀ ଗୃହ ଗୁଡ଼ିକର, ଗୃହ ଟିକସର ପୁନଃ ଆକଳନ ଏବଂ ଆଦାୟ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

| କ୍ର.ନଂ. | ଗୃହର ପ୍ରକାର | ପ୍ରଚଳିତ ଗୃହ ଟିକସର ଆକଳନ ହାର ବର୍ଗଫୁଟ ପ୍ରତି | ଗୃହ ଟିକସର ନୂତନ ଆକଳନ ହାର ବର୍ଗଫୁଟ ପ୍ରତି |
|---|---|---|---|
| ୧ | ମାଟି କଚ୍ଚା, ଟାଇଲ ଛପର, ଆଜବେର୍ଟସ, ଟିଣ ଏବଂ ଛପର ଗୃହ | ଟ. ୨.୦୦ | ପୂର୍ବପରି ଟ. ୨.୦୦ |
| ୨ | ଦୁଇ ମହଲା ପର୍ଯ୍ୟନ୍ତ କୋଠା ଗୃହ | ଟ. ୨.୦୦ | ଟ. ୩.୦୦ |
| ୩ | ତିନି ମହଲା ଏବଂ ତତ୍‌ଉର୍ଦ୍ଧ ଗୃହ | ଟ. ୨.୦୦ | ଟ. ୩.୫୦ |
| ୪ | ଆପାର୍ଟମେଣ୍ଟ ଗୃହ | ଟ. ୨.୦୦ | ଟ. ୩.୫୦ |

୫. ବିଭିନ୍ନ ନଗରାଂଚଳ ଗୁଡ଼ିକର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତ୍ୱରାନ୍ୱିତ କରାଯିବା ନିମନ୍ତେ ସମ୍ପୃକ୍ତ ଅଂଚଳର Public Health Engineering Organisation (PHEO) ଏବଂ Urban Local Bodies (ULB) ଙ୍କ ମଧ୍ୟରେ Service Level Benchmark ନିର୍ଦ୍ଧାରଣ କରାଯାଇ ଏକ Memorandum of Understanding ସ୍ୱାକ୍ଷରିତ କରାଯିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ଠାରୁ ପ୍ରାପ୍ତ ନିର୍ଦ୍ଦେଶନାମାକୁ ଅନୁଧ୍ୟାନ କରାଯାଇ, ଆସନ୍ତା ତା ୧୫.୦୧.୨୦୧୫ରିଖ ପୂର୍ବାହ୍ନ ୧୧.୩୦ ମି ସମୟରେ ଏହି MOU ନିଗମ ଏବଂ PHEO ଙ୍କ ମଧରେ ସ୍ୱାକ୍ଷରିତ କରାଯିବା ନିମନ୍ତେ ଅନୁମୋଦନ କରାଗଲା । ଏହି MOU ସ୍ୱାକ୍ଷର ନିମନ୍ତେ ଅନୁଷ୍ଠାନିକ ଉତ୍ସବକୁ ନିଗମର ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ଏବଂ ଜିଲ୍ଲା ସ୍ଥରୀୟ ବରିଷ୍ଠ ଅଧିକାରୀ ମାନଙ୍କୁ ନିମନ୍ତ୍ରିତ କରାଯିବା ନିମନ୍ତେ ସ୍ଥିର କରାଗଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା PHEO ତଥା ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ମଧ ସ୍ଥିର କରାଗଲା ।

୬. ଗତ ତା ୧୫.୦୯.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଅନୁମୋଦନ କରାଯାଇଥିବା ହାରରେ ଯଥାଶିଘ୍ର ଅବଶିଷ୍ଟ ୩୦୦ ଟି ଡ଼ଷ୍ଟବିନ ସଂଗ୍ରହଣ କରାଯାଇ, ପୂର୍ବରୁ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଆବଣ୍ଟନ କରାଯିବାକୁ ସ୍ଥିର କରାଗଲା । ଆବଣ୍ଟନ କରାଯିବାକୁଥିବା ଡ଼ଷ୍ଟବିନ ଗୁଡ଼ିକରେ CMC ଏବଂ ସମ୍ପୃକ୍ତ ୱାର୍ଡ଼ ନମ୍ବର ଲେଖାଯିବା ନିମନ୍ତେ ମଧ ସ୍ଥିର କରାଗଲା ।

୭. ଜାଇକା ପ୍ରକଳ୍ପ କାର୍ଯ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ଏବଂ ସମାଧାନ ପନ୍ଥା ନିର୍ଦ୍ଧାରଣ ନିମନ୍ତେ, ଆସନ୍ତା ମାସରେ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ ଡ଼କାଯିବା ନିମନ୍ତେ ସ୍ଥିର କରାଗଲା ।

୮. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ନିଗମର ବୈଦ୍ୟୁତିକ ବିଭାଗରେ ମେଟ (NMR) ଭାବେ କାର୍ଯ୍ୟରତ ଶ୍ରୀ ବାଉରୀ ବନ୍ଧୁ ସିଂ ଙ୍କ ଡ଼ାକ୍ତରୀ ଚିକିତ୍ସା ନିମନ୍ତେ ଟ. ୩୦,୦୦୦/- ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ସ୍ଥିର କରାଗଲା ।

୯. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ ୧୦ଟି ସେସ୍‌ପୁଲ ସଂଗ୍ରହଣର ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବା ନିମନ୍ତେ ସ୍ଥିର କରାଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା-ଅନିତା ବେହେରା**
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ. ୬୩୯ .ତା ୧୭.୦୧.୨୦୧୫

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୬୪୦ .ତା ୧୭.୦୧.୨୦୧୫

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୬୪୧ ତା ୧୭.୦୧.୨୦୧୫

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୬୪୨ .ତା ୧୭.୦୧.୨୦୧୫

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ